


# ଭଞ୍ଜଦୂତ


THE BHANJA DOOTA

★Vol. No.-5
★Issue-3
★January 13 to January 19. 01.2025
★Weekly, Mayurbhanj
★Page-8
★Rs.5.00/-
★ବର୍ଷ-୫★ସଂଖ୍ୟା-୩
★ଜାନୁଆରୀ ୧୩ରୁ ଜାନୁଆରୀ ୧୯.୦୧.୨୦୨୫
★ସାପ୍ତାହିକ, ମୟୂରଭଂଜ
★ପୃଷ୍ଠା-୮, ମୂଲ୍ୟ-୫

RNI No. ODIODI/2019/78384 ପ୍ରତିଷ୍ଠାତା: ସ୍ୱର୍ଗତଃ ବିତନୁ କୁମାର ନାୟକ P.R. No. OR/MBJ-3/2025-2027


## ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ହେବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ସିଙ୍ଗାପୁର ସରକାରଙ୍କ ସହ ଓଡ଼ିଶା ସରକାରଙ୍କର ୮ଟି ଗୁରୁତ୍ୱପୂର୍ଣ୍ଣ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି । ଏହାଦ୍ୱାରା ଓଡ଼ିଶାରେ ପୁଞ୍ଜି ନିବେଶ ହେବା ସହ ସହରାଂଚଳ ଯୋଜନା, ବନ୍ଦର ପରିଚାଳନା, ଲଜିଷ୍ଟିକ୍ସ, ସବୁଜ ଶକ୍ତି ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଅଧିକ ସହଯୋଗର ସମ୍ଭାବନା ସୃଷ୍ଟି ହେବ । ରାଜ୍ୟରେ ୫ ହଜାର କୋଟିର ନିବେଶ ହେବାର ଆଶା ରହିଛି ।

ଲୋକସେବା ଭବନରେ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ନେତୃତ୍ୱ ନେଇ ଦିଲ୍ଲୀ ଏବଂ ବମ୍ବେରେ ଆମେ ରୋଡ୍ ସୋ' କରିଥିଲୁ । ସିଙ୍ଗାପୁରକୁ ଆମ ସରକାରଙ୍କର ଟିମ୍ ଗସ୍ତ କରିଥିଲେ । ଟିମ୍ ସଦସ୍ୟମାନେ ଶିଳ୍ପପତିମାନଙ୍କ ସହ କଥାବାର୍ତ୍ତା ହୋଇଥିଲେ । ପାରାଦୀପରେ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ଲାଂଟ' ହେବ । ସିଙ୍ଗାପୁର ରାଷ୍ଟ୍ରପତିଙ୍କ ସହ ରାଜ୍ୟ ସରକାରଙ୍କର ସକାରାତ୍ମକ ଆଲୋଚନା ହୋଇଛି । ଓଡ଼ିଶାକୁ ଆଗକୁ ନେବା ପାଇଁ ଏହା ଉପଯୁକ୍ତ ସମୟ' । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାକୁ ଫୋକସରେ ରଖିଛନ୍ତି । ଓଡ଼ିଶା ବିକଶିତ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ । ରାଜ୍ୟରେ ବିଜେପି ସରକାରକୁ ୭ ମାସ ପୂରଣ ହୋଇଛି । ଆମ ସରକାର କହିଥିବା କଥା ପୂରଣ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଯାହାକି ପୁଞ୍ଜି ନିବେଶ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ କରିବାରେ ବେଶ୍ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସିଙ୍ଗାପୁରର ରାଷ୍ଟ୍ରପତି ଥର୍ମନ ଶନମୁଗରତ୍ନମଙ୍କ ଗସ୍ତ ନେଇ ପୂର୍ବରୁ ମୁଖ୍ୟମନ୍ତ୍ରୀ କହିଥିଲେ, ସିଙ୍ଗାପୁର ଏବଂ ଓଡିଶା ମଧ୍ୟରେ ବଢୁଥିବା ଭାଗିଦାରୀରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ଚିହ୍ନଟ କରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକରେ ରାଜ୍ୟ ସରକାର ଏବଂ ସିଙ୍ଗାପୁର ଭିତିକ କମ୍ପାନିଗୁଡିକ ମଧ୍ୟରେ ଏମଓୟୁ ବିନିମୟ ହୋଇଛି ।

ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ଶନମୁଗରତ୍ନମଙ୍କ ଓଡ଼ିଶା ଗସ୍ତ ନେଇ ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି । ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ଏକ ଐତିହାସିକ ଘଟଣା । ଆଗାମୀ ଦିନରେ ଦେଶର ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଓଡ଼ିଶା ଏକ ସମ୍ଭାବନାର ରାଜ୍ୟ । ଏହା ଗ୍ରୋଥ୍ ଇଞ୍ଜିନ୍ ଭାବେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଭିତିଭୂମି ସୁଦୃଢ଼ ଏବଂ ରାଜ୍ୟକୁ ନିବେଶ ଆଣିବାକୁ ସରକାର କାର୍ଯ୍ୟ କରୁଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ସିଙ୍ଗାପୁରର ରାଷ୍ଟ୍ରପତି ଥର୍ମନ ଶନମୁଗରତ୍ନମ କହିଛନ୍ତି,

...୭

## ନୂଆ ମୋଡ଼ ନେଲା ନବ ଦାସ ହତ୍ୟା ମାମଲା: ଏକା ଗୋପାଳ ହତ୍ୟାକାରୀ ନୁହେଁ !



ଝାରସୁଗୁଡ଼ା: ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ବିଜେଡି ନେତା ନବ ଦାସଙ୍କୁ ଏକାଧିକ ବନ୍ଧୁକରୁ ଗୁଳି ମାଡ଼ ହୋଇଥିଲା ବୋଲି ରାଜ୍ୟ ଫରେନ୍ସିକ୍ ସାଇନ୍ସ ଲାବରେଟୋରି ପକ୍ଷରୁ ପ୍ରଦାନ କରାଯାଇଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି । ଘଟଣା ସମୟରେ କେବଳ ଗୋପାଳ ଦାସର ବନ୍ଧୁକରୁ ନୁହେଁ ବରଂ ଏକାଧିକ ବନ୍ଧୁକରୁ ଗୁଳିମାଡ଼ ହୋଇଥିବା କଥା ସ୍ପଷ୍ଟ ହୋଇଛି । ତେଣୁ ନବ ଦାସଙ୍କୁ ପ୍ରକୃତରେ ଗୋପାଳ ମାରିଛି ନା ଘଟଣାସ୍ଥଳରେ ଗୋପାଳକୁ ମୋହରା କରି ଆଉ କିଏ ଗୁଳି କରିଥିଲା ? ଏଭଳି ପ୍ରଶ୍ନ ଏବେ ଆଲୋଡ଼ନ ସୃଷ୍ଟି କରିଛି । ଏ ସମ୍ପର୍କରେ ଅଭିଯୁକ୍ତ ଗୋପାଳଙ୍କ ମାମଲା ପରିଚାଳନା କରୁଥିବା ଆଇନଜୀବୀ ନରେଶ ନାୟକଙ୍କୁ ପଚାରିବାରେ, ଘଟଣାସ୍ଥଳରେ ସ୍ନାଇପର ନିଯୁକ୍ତ ହୋଇଥିବା ତଥା ସେମାନଙ୍କ ବନ୍ଧୁକରୁ ବାହାରିଥିବା ଗୁଳିରେ ନବ ଦାସଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି ବୋଲି କହିଛନ୍ତି ।

କ୍ରାଇମ୍ବ୍ରାଂଚ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟ୍, ଏସ୍ଏଫ୍ଏସ୍ଏଲ୍ ଓ ବାଲାଷ୍ଟିକ୍ ରିପୋର୍ଟ ଅନୁସାରେ ୨୦୨୩ ଜାନୁଆରି ୨୯ ତାରିଖରେ ନବ ଦାସଙ୍କର ୨ଟି ଗାଡ଼ି ବ୍ରଜରାଜନଗର ଗାନ୍ଧୀ ଛକକୁ ଯାଇଥିଲା । ପ୍ରଥମ ଗାଡ଼ି(ଓଡି ୧୫ ୟୁ ୬୧୯୭)ରେ ଖୋଦ୍ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଦାସ ବସିଥିବା ବେଳେ ଦ୍ୱିତୀୟ ଗାଡ଼ି(ଓଡି ୧୫ ଟି ୦୧୮୩)ରେ ତାଙ୍କର ସହଯୋଗୀମାନେ ବସିଥିଲେ । କ୍ରାଇମ୍ବ୍ରାଂଚ ପକ୍ଷରୁ ଦାଖଲ ହୋଇଥିବା ଫାଇନାଲ୍ ଫର୍ମରେ ଗୋପାଳ ଦାସ ନିକଟରୁ ୧୮ଟି ଗୁଳି ରହୁଥିବା ଏକ ମାଗାଜିନ୍ (ଯେଉଁଥିରେ ...୭

## ଗାଡ଼ିର ବୀମା ନଥିଲେ କାର୍ଯ୍ୟାନୁଷ୍ଠାନ: ଇ-ଡିଟେକ୍ସନ ପ୍ରକ୍ରିୟାରେ ଜାରି ହେବ ଇ-ଚାଲାଣ

କଟକ: ଏଣିକି ମୋଟର ଯାନର ବୀମା ନ ଥିଲେ ସ୍ୱୟଂକ୍ରିୟ ପ୍ରଣାଳୀରେ ଧରିବ ଟୋଲ୍‌ଗେଟ୍ । ଏହି ଇ-ଡିଟେକ୍ସନ ପ୍ରକ୍ରିୟାରେ ଗାଡ଼ି ମାଲିକଙ୍କ ନାମରେ ଜାରିହେବ ଇ-ଚାଲାଣ । ଆସନ୍ତା ଫେବ୍ରୁଆରି ପହିଲାରୁ ରାଜ୍ୟର ବିଭିନ୍ନ ଜାତୀୟ ରାଜପଥରେ ଥିବା ସମସ୍ତ ୨୨ଟି ଟୋଲ୍‌ଗେଟ୍‌ରେ ଏହା କାର୍ଯ୍ୟକାରୀ ହେବ । ବୈଧ ବୀମା ନଥାଇ ଗାଡ଼ି ଚଳାଉଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିଷ୍ପତି ହୋଇଛି । ମୋଟର ଯାନ ଆଇନର ଧାରା ୧୪୬ ଅନୁଯାୟୀ ପ୍ରତ୍ୟେକ ମୋଟର ଯାନ ...୭

## ଓଡ଼ିଶାରେ ବିଚିତ୍ର ସ୍କୁଲ ଶିକ୍ଷା ବ୍ୟବସ୍ଥା: କମ୍ପ୍ୟୁଟର ନାହିଁ, ଇଂଟରନେଟ୍ ଅଛି



ଭୁବନେଶ୍ୱର: ରାଜ୍ୟରେ ସରକାରୀ ସ୍କୁଲଗୁଡ଼ିକରେ କମ୍ପ୍ୟୁଟର ଶିକ୍ଷା ଆଦୌ ଉତ୍ସାହଜନକ ନୁହେଁ । ପ୍ରାୟ ୪୫% ସରକାରୀ ସ୍କୁଲ୍‌ରେ କମ୍ପ୍ୟୁଟର ସୁବିଧା ହିଁ ନାହିଁ । ଯେଉଁଠି କମ୍ପ୍ୟୁଟର ଅଛି ସେଥିରୁ ଅଧିକାଂଶ ଅଚଳ । ବହୁ ବିଦ୍ୟାଳୟରେ କମ୍ପ୍ୟୁଟର ଚଳାଇବାକୁ ଶିକ୍ଷକ ହିଁ ନାହାନ୍ତି । ସ୍ମାର୍ଟ ବିଦ୍ୟାଳୟ ନେଇ ସରକାର ନାରାବାଜି କରୁଥିବା ବେଳେ ଆମ ସରକାରୀ ଶିକ୍ଷା ବ୍ୟବସ୍ଥାର ଏମିତି ବିକଳ ଚିତ୍ର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଉଦ୍‌ବେଗର ବିଷୟ ହେଲା, କମ୍ପ୍ୟୁଟର ନଥିଲେ ବି ଅନେକ ସ୍କୁଲ୍‌କୁ ଇଂଟରନେଟ୍ ସୁବିଧା ଉପଲବ୍ଧ କରାଯାଇଛି । ଏହା କାହାର କି କାମରେ ଲାଗୁଛି, ତାହା ଅନୁସନ୍ଧାନ ସାପେକ୍ଷ । ରାଜ୍ୟ ସରକାରଙ୍କ ତଥ୍ୟ ଆଧାରରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ 'ୟୁଡାଇଜ୍+' ରିପୋର୍ଟ ପ୍ରସ୍ତୁତ କରନ୍ତି । ଏହି ରିପୋର୍ଟରେ ଦର୍ଶାଯାଇଛି, ଓଡ଼ିଶାର ୬୧ହଜାର ୬୯୩ ବିଦ୍ୟାଳୟ ରହିଛି । ସେଥିମଧ୍ୟରୁ ୩୫ହଜାର ୬୨୮ ବିଦ୍ୟାଳୟ (୫୯.୪%)ରେ କମ୍ପ୍ୟୁଟର ସୁବିଧା ଉପଲବ୍ଧ । ଅର୍ଥାତ୍ ବାକି ୨୬ ହଜାର ୬୫ ବିଦ୍ୟାଳୟର ଛାତ୍ରଛାତ୍ରୀ ଆଜି ପର୍ଯ୍ୟନ୍ତ କମ୍ପ୍ୟୁଟର ଦେଖିନାହାନ୍ତି । ବେସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ...୭

## କିଏ ହେବ ରାଜ୍ୟ ବିଜେପି ସଭାପତି ?



ଭୁବନେଶ୍ୱର: ରାଜ୍ୟ ବିଜେପି ମୁଖିଆ ଚୟନକୁ ନେଇ ବଢୁଛି ସସପେନସ୍ । ଦୀର୍ଘ ଦିନ ଧରି ଅଙ୍କ ଛିଣ୍ଡୁ ନଥିବାରୁ ଏହାକୁ ବିଜେପି ଶିବିରରେ ବଢୁଛି ଚର୍ଚ୍ଚା । ଶାସକ ଦଳ ବିଜେପିର ସଭାପତି ବଦଳିବେ, ନା ପୁଣି ଥରେ ମନମୋହନ ସାମଲ ଦାଇତ୍ୱ ସମ୍ଭାଳିବେ ତାକୁ ନେଇ ଦୀର୍ଘ ଦିନ ହେଲା ଲାଗି ରହିଛି ସସପେନସ୍ । ଗତ କିଛି ଦିନ ହେଲା ଦିଲ୍ଲୀରେ ବିଭିନ୍ନ ଗୋଷ୍ଠୀ ଡେରା ପକାଇବା ସହ ନିଜ ପସନ୍ଦର ନେତାଙ୍କ ପାଇଁ ଲବି କରୁଥିବା ...୭

## ୩ ମାଓବାଦୀ ଗିରଫ

ମାଲକାନଗିରି: ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ଲଗାତାର ଅପରେସନ ଯୋଗୁ ନକ୍ସଲ ଏବେ ଦୁର୍ବଳ ଓ ଭୟଭୀତ ହେଲେଣି । ଧିରେ ଧିରେ ସଂଗଠନ ଛାଡି ଛାମୁଆ ନେତାମାନେ ପୁଲିସ ନିକଟରେ ଆତ୍ମସମର୍ପଣ କରୁଥିବା ବେଳେ କିଛି ଗିରଫ ହେଲେଣି । ଏହି କ୍ରମରେ ସୁକମା ...୭

## ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ 'ଆୟୁଷ୍ମାନ' କାର୍ଡ




ଭୁବନେଶ୍ୱର: ଓଡ଼ିଶାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆରମ୍ଭ ହେବ । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିତରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଆୟୁଷ୍ମାନ ଭାରତ କାର୍ଡ ଛାପିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ଏଜେନ୍ସି (ଏନ୍ଏଚ୍ଏ)ର ଭେଣ୍ଡରଙ୍କୁ ତାଲିକା ଦିଆସରିଛି । ଆସନ୍ତା ଫେବ୍ରୁଆରି ମାସରେ କାର୍ଡ ବଂଟା ଆରମ୍ଭ ହେବ ବୋଲି ସୂଚନା ମିଳିଛି । ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେବା ପରେ କ'ଣ ପରିବର୍ତନ ହେବ ଓ ହିତାଧିକାରୀ ...୭


ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ । ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।



ଁ ଅମିୟକାନ୍ତ ବିଶ୍ୱାଳ ଙ୍କ
ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଆବିର୍ଭାବ:- ୦୫.୦୪.୧୯୪୨ / ତିରୋଧାନ:- ୧୨.୦୧.୨୦୨୫

ପୁରୁଷୋତମପୁର, ଯାଜପୁର

ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀ ଚରଣରେ ଆମର ପ୍ରାର୍ଥନା
ଶୋକ ସନ୍ତାପ: ବିଶ୍ୱାଳ ପରିବାର ବର୍ଗ


## ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ୍ ଘଟଣା: ତଦନ୍ତ ଆରମ୍ଭ କଲା ପୁଲିସ



ପୁରୀ: ଶ୍ରୀମନ୍ଦିର ମଧ୍ୟରେ ଚିତ୍ର ଓ ଭିଡିଓ ଉତୋଳନ ସମ୍ପୂର୍ଣ୍ଣ ନିଷେଧ ଥିଲେ ହେଁ ଗତ ୧୨ ତାରିଖରେ ଗୌରବ କୁମାର ସାହୁ ନାମକ ଜଣେ ବ୍ୟକ୍ତି ନିଜ ସୋସିଆଲ ମିଡିଆ ସାଇଟରେ ଏହାକୁ ସେୟାର କରି ଭାଇରାଲ୍ କରିଛନ୍ତି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏ ସମ୍ପର୍କରେ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ୍‌ଙ୍କ ସହ ଆଲୋଚନା କରିଛନ୍ତି । ଅଧିକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ୍ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଥିବା ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି । ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ ଶ୍ରୀମନ୍ଦିର ମଧ୍ୟକୁ ମୋବାଇଲ୍ କିମ୍ବା କ୍ୟାମେରା ନ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୁନର୍ବାର ଶ୍ରୀମନ୍ଦିରର ସମସ୍ତ ସେବକ, ଅଧିକାରୀ ତଥା କର୍ମଚାରୀମାନେ ଶ୍ରୀମନ୍ଦିର ମଧ୍ୟକୁ ମୋବାଇଲ୍ ନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯିଏ ଏହାର ବ୍ୟତିକ୍ରମ କରିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି । ଚିତ୍ର ଓ ଭିଡିଓ ଉତୋଳନ ...୭

# ଭୁବନେଶ୍ୱରରେ ୬୪ତମ ସିଜିପିବି ବୈଠକ ଅନୁଷ୍ଠିତ

ନୂଆଦିଲ୍ଲୀ: କେନ୍ଦ୍ରୀୟ ଭୂତାତ୍ତ୍ୱିକ କାର୍ଯ୍ୟକ୍ରମ ବୋର୍ଡ (ସିଜିପିବି) ର ୬୪ତମ ବୈଠକ ଆଜି ଭୁବନେଶ୍ୱରର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଖଣି ମନ୍ତ୍ରଣାଳୟର ସଚିବ ତଥା ସିଜିପିବିର ଅଧ୍ୟକ୍ଷ ଶ୍ରୀ ଭି. ଏଲ୍. କାନ୍ତାରାଓ ଅଧ୍ୟକ୍ଷତା କରିଥିଲେ । ଜିଏସଆଇର ମହାନିର୍ଦ୍ଦେଶକ ଶ୍ରୀ ଅସିତ ସାହା ଏବଂ ଖଣି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଶ୍ରୀ ସଞ୍ଜୟ ଲୋହିୟାଙ୍କ ସମେତ ଅନେକ ମାନ୍ୟଗଣ୍ୟ ଅତିଥି ଯୋଗ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଅନ୍ୱେଷଣ, ଗବେଷଣା ଏବଂ ଖଣି କ୍ଷେତ୍ରର ପ୍ରମୁଖ ଅଂଶୀଦାରମାନେ ଏକତ୍ରିତ ହୋଇ ଭୂବିଜ୍ଞାନ, ଖଣିଜ ଅନ୍ୱେଷଣ ରଣନୀତି ଏବଂ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଉପରେ ଆଲୋଚନା କରିଥିଲେ । ଖଣିଜ ସମ୍ପଦ ବୃଦ୍ଧି, ସ୍ୱଚ୍ଛ ଶକ୍ତି ପଦକ୍ଷେପ, ଭୌଗୋଳିକ ବିପତି ପରିଚାଳନା ଏବଂ ନିରନ୍ତର ବିକାଶ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାକୁ ଆଧାର କରି ପ୍ରମୁଖ ଆଲୋଚନା ଏବଂ ପରିବର୍ତ୍ତନଶୀଳ ପ୍ରାଥମିକତା ପ୍ରତି ଏକ ସହଯୋଗୀ ଆଭିମୁଖ୍ୟ ଉପରେ ଜୋର୍ ଦିଆଯାଇଥିଲା ।

ଆଗାମୀ ୨୦୨୫-୨୬ ବର୍ଷ ପାଇଁ ଜିଏସଆଇର ପ୍ରସ୍ତାବିତ ବାର୍ଷିକ କାର୍ଯ୍ୟକ୍ରମକୁ ବୋର୍ଡ ସମ୍ମୁଖରେ ଆଲୋଚନା ପାଇଁ ରଖାଯାଇଥିଲା । ଆସନ୍ତା ବର୍ଷ ପାଇଁ ଜିଏସଆଇ ପ୍ରାୟ ୧୦୬୫ଟି ବୈଜ୍ଞାନିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି । ଏଥିରେ ୪୦୨ଟି ଖଣିଜ ବିକାଶ ପ୍ରକଳ୍ପ (ଜି୨; ଜି୩; ଜି୪; ଏବଂ ଅଫଶୋର ଏକ୍ସପ୍ଲୋରେସନ୍) ସାମିଲ ରହିଛି । ଏସବୁ ପ୍ରକଳ୍ପ ନିକଟ ଭବିଷ୍ୟତରେ ନିଲାମ ଯୋଗ୍ୟ ଖଣିଜ ବ୍ଲକ୍ ସୃଷ୍ଟି କରିବାର କ୍ଷମତା ରହିଛି । ୧୬୭ଟି ଖଣିଜ ଆବିଷ୍କାର ପ୍ରକଳ୍ପ (ଆରଏମଟି; ଗବେଷଣା ପ୍ରକଳ୍ପ; ସି-ଏମଏପି; ଜିଟି; ଏମପିଏ; ମଲ୍ଟିସ୍କେଲ୍ଲାଲ/ହାଇପରସ୍କେକ୍ଟ୍ରାଲ ପ୍ରକଳ୍ପ) ଜି୪ ପର୍ଯ୍ୟାୟରେ ଭବିଷ୍ୟତର ଅନ୍ୱେଷଣ ପାଇଁ ଆଶାଜନକ କ୍ଷେତ୍ର ସୃଷ୍ଟି କରିବାର ସମ୍ଭାବନା ରହିଛି । ଅନ୍ୱେଷଣ କାର୍ଯ୍ୟକଳାପ ମଧ୍ୟରେ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଅନ୍ୱେଷଣ ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଏଥିରେ ଆରଇଇ, ଆରଏମ, ଗ୍ରାଫାଇଟ୍, ଲିଥିୟମ୍, ଭାନେଡିଆମ୍ ଏବଂ ପିଜିଇ ଭଳି ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟଗୁଡ଼ିକୁ ଲକ୍ଷ୍ୟ କରି ୨୨୭ଟି ଉତ୍ସର୍ଗୀକୃତ ପ୍ରକଳ୍ପ ରହିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୬ ପ୍ରତିଶତ ବୃଦ୍ଧି ପାଇଛି । ଏଫଏସ ୨୦୨୫-୨୬ ପାଇଁ ଜିଏସଆଇର କ୍ଷେତ୍ର ଋତୁ କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଉପରେ ୨୫ ପ୍ରତିଶତ ଅନୁସନ୍ଧାନକୁ ଅନ୍ତର୍ଭୁକ୍ତ ରହିଛି । ଜିଏସଆଇର ମୋଟ ବଜେଟରୁ ପ୍ରାୟ ୩୦୦ କୋଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ଅନ୍ୱେଷଣ ଏବଂ ଅନୁସନ୍ଧାନରେ ଖର୍ଚ୍ଚ ହେବ । ଏହାବ୍ୟତୀତ, ଜିଏସଆଇ ପ୍ରାକୃତିକ ବିପଦ ଅଧ୍ୟୟନ, ଜନକଲ୍ୟାଣ ଭୂବିଜ୍ଞାନ ଏବଂ ମୌଳିକ ଭୂବିଜ୍ଞାନ ଅଧୀନରେ ୨୦୨୫-୨୬ ପାଇଁ ୧୪୧ଟି ପ୍ରକଳ୍ପର ରୂପରେଖ ପ୍ରସ୍ତୁତ କରିଛି । ଏଥିରେ ଭୂସ୍ଖଳନ, ଭୂ-ବୈଷୟିକ ଅଧ୍ୟୟନ, ଧ୍ରୁବୀୟ ଓ ହିମବାହ ବିଜ୍ଞାନ ଗବେଷଣା, ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ଅଧ୍ୟୟନ ସହିତ ମୌଳିକ ଭୂବିଜ୍ଞାନ କ୍ଷେତ୍ରରେ ପଦକ୍ଷେପ ଅନ୍ତର୍ଭୁକ୍ତ । ଏହି ବ୍ୟାପକ ଆଭିମୁଖ୍ୟ ବିପର୍ଯ୍ୟୟ ବିପଦ ହ୍ରାସ, ଜଳବାୟୁ ନମନୀୟତା ଏବଂ ବୈଜ୍ଞାନିକ ନବସୃଜନ ପ୍ରତି ଜିଏସଆଇର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଅନ୍ୱେଷଣ ଦକ୍ଷତା ବଢ଼ାଇବା ଲାଗି ଜିଏସଆଇ ୬୫ଟି ଭୂ-ସୂଚନା ବିଜ୍ଞାନ ପ୍ରକଳ୍ପ ଆରମ୍ଭ କରିଛି, ଯେଉଁଥିରେ ଅତ୍ୟାଧୁନିକ ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ)/ଏମଏଲ୍ ମଡେଲିଂ, ପୁରୁଣା ତଥ୍ୟର ସମନ୍ୱୟ ଏବଂ ମ୍ୟାଗ୍ନେଟୋଟେଲ୍ୟୁରିକ୍ ଏବଂ ହେଲିବର୍ନ୍ ସର୍ଭେ ଭଳି ଉଦୀୟମାନ ପ୍ରଯୁକ୍ତିର ଉପଯୋଗ କରିଛି । ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ଖଣିଜ ଶିକାର କୌଶଳ ହାକାଥନ୍ ବିଜେତାଙ୍କ ଘୋଷଣା । ଏହା ଲକ୍ଷ୍ୟକୁ ତ୍ୱରାନ୍ୱିତ କରିବା, ଖଣିଜ ଭଣ୍ଡାର ଆବିଷ୍କାରର ଚିହ୍ନଟ ପାଇଁ ଏଆଇ/ଏମଏଲ ପରିଚାଳିତ ସମ୍ଭାବ୍ୟ ବିଶ୍ଳେଷଣକୁ ନିୟୋଜିତ କରୁଥିବା ଷ୍ଟାର୍ଟ-ଅପ୍ ଏବଂ ୟୁନିକର୍ଣ୍ଣଗୁଡ଼ିକୁ ପ୍ରଦର୍ଶିତ କରିଥିଲା । ଏହାବ୍ୟତୀତ, ଝାଡ଼ଖଣ୍ଡ ଓ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜର ଭୂତତ୍ତ୍ୱ ଓ ଖଣିଜ ସମ୍ପଦ ଏବଂ ଉତର-ପୂର୍ବ କ୍ଷେତ୍ରର ଭୂତତ୍ତ୍ୱ ଓ ଖଣିଜ ସମ୍ପଦ ମାନଚିତ୍ର ସମେତ ଅନେକ ପ୍ରକାଶନ ଉନ୍ମୋଚିତ ହୋଇଥିଲା ।

୬୪ତମ ସିଜିପିବି ବୈଠକରେ ନିଜର ଅଭିଭାଷଣରେ ଖଣି ମନ୍ତ୍ରଣାଳୟର ସଚିବ ତଥା ସିଜିପିବି ଅଧ୍ୟକ୍ଷ ଶ୍ରୀ ଭି. ଏଲ୍. କାନ୍ତା ରାଓ ସହଯୋଗ ବୃଦ୍ଧି ଏବଂ ଭୂବିଜ୍ଞାନକୁ ଆଗକୁ ନେବାରେ ଏହି ମଂଚର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଖଣି ମନ୍ତ୍ରଣାଳୟ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ଖଣିଜ ମିଶନ ଏବଂ ଅଫଶୋର ମାଇନିଂ ଉପରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବଜେଟ୍ ଘୋଷଣା ସହିତ ଯୋଡ଼ି ହୋଇ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ ।

ଶ୍ରୀ ରାଓ ଚଳିତ ବର୍ଷ ଏପର୍ଯ୍ୟନ୍ତ ୨୪ଟି ଗୁରୁତ୍ୱପୂର୍ଣ୍ଣ ଖଣିଜ ବ୍ଲକର ସଫଳ ନିଲାମୀ ଏବଂ ଭାରତର ପ୍ରଥମ ଥର ପାଇଁ ୧୩ଟି ଅଫଶୋର୍ ଖଣିଜ ବ୍ଲକର ନିଲାମୀର ଶୁଭାରମ୍ଭ ଉପରେ ଆଲୋକପାତ କରିଥିଲେ । ଖଣିଜ ଅନ୍ୱେଷଣ ପ୍ରୟାସ ଏବଂ ଗବେଷଣା ଓ ବିକାଶ ପ୍ରକଳ୍ପର କାର୍ଯ୍ୟକାରିତାକୁ ବୃଦ୍ଧି କରିବା ପାଇଁ ଏନଏମଇଟି ପାଣ୍ଠିର ଉପଯୋଗ କରିବାକୁ ସେ ଅନ୍ୱେଷଣ ସଂସ୍ଥାଗୁଡ଼ିକୁ ଉତ୍ସାହିତ କରିଥିଲେ । ଶ୍ରୀ ରାଓ ଏନଜିଡିଆର୍ ପୋର୍ଟାଲରେ ଉପଲବ୍ଧ ପୁରୁଣା ଭୂତାତ୍ତ୍ୱିକ ତଥ୍ୟର ଉପଯୋଗ ଏବଂ ଅଧିକ ଅନ୍ୱେଷଣ ଲାଇସେନ୍ସ ପ୍ରଦାନ କରିବା ଲାଗି ନୂତନ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହାଦ୍ୱାରା ଘରୋଇ ସଂସ୍ଥାଗୁଡ଼ିକ ଖଣିଜ ଅନ୍ୱେଷଣ କ୍ଷେତ୍ରରେ ଯୋଗଦାନ କରିପାରିବେ ।

ବୈଠକର ବୈଷୟିକ ଅଧିବେଶନରେ, ହାକାଥନ୍ ବିଜେତା-ଯଥା, ପ୍ରଥମ ପୁରସ୍କାର ବିଜେତା ଦଳ ଏଏମଡି, ଦ୍ୱିତୀୟ ପୁରସ୍କାର ବିଜେତା ଦଳ ଜିଏସଆଇ, ଏବଂ ତୃତୀୟ ପୁରସ୍କାର ବିଜେତା ଦଳ ଆଇଆଇଟି-ଆଇଏସଏମ, ଧାନବାଦ, ଆର୍ଟିଫିସିଆଲ ଇଂଟେଲିଜେନ୍ସ/ଏମଏଲ ଉପକରଣ ବ୍ୟବହାର କରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡ଼ିକୁ ଲକ୍ଷ୍ୟ କରିବା ପାଇଁ ସେମାନଙ୍କର ଆଲଗୋରିଦମ ଏବଂ ପଦ୍ଧତି ଉପସ୍ଥାପନ କରିଥିଲେ । ଖଣିଜ ଅନ୍ୱେଷଣ କାର୍ଯ୍ୟକ୍ରମରେ ଆର୍ଟିଫିସିଆଲ ଇଂଟେଲିଜେନ୍ସ/ଏମଏଲର ବ୍ୟାପକ ଉପଯୋଗ ଦ୍ୱାରା ଜିଏସଆଇର ଖଣିଜ ଅନ୍ୱେଷଣ କାର୍ଯ୍ୟରେ ଏହି ପଦ୍ଧତିଗୁଡ଼ିକ ଅତ୍ୟନ୍ତ ଉପଯୋଗୀ ହେବ । ଏହାବ୍ୟତୀତ, ଏହି ଅଧିବେଶନରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଜଙ୍ଗଲ ସଫେଇ ପାଇଁ ନିର୍ଦ୍ଦେଶାବଳୀରେ ସାମ୍ପ୍ରତିକ ପରିବର୍ତ୍ତନ ଏବଂ ଏନଜିଡିଆରର ସାମ୍ପ୍ରତିକ ବିକାଶ ଉପରେ ବିଚାରବିମର୍ଶ କରାଯାଇଥିଲା ।

ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ, ଶ୍ରୀ ଭି. ଏଲ୍. କାନ୍ତା ରାଓ ଭୂବିଜ୍ଞାନର ବିଭିନ୍ନ ବିଷୟବସ୍ତୁ ଉପରେ ବିଭିନ୍ନ ପ୍ରଦର୍ଶନୀ ପ୍ରଦର୍ଶନ କରୁଥିବା ଏକ ପ୍ରଦର୍ଶନୀକୁ ମଧ୍ୟ ଉଦଘାଟନ କରିଥିଲେ । ପ୍ରଦର୍ଶନୀରେ ଜିଏସଆଇ, ରାଷ୍ଟ୍ରାୟତ ଉଦ୍ୟୋଗ, ଘରୋଇ ଅନ୍ୱେଷଣ ଏଜେନ୍ସି ଏବଂ ଷ୍ଟାର୍ଟଅପ୍ ସେମାନଙ୍କ ସଫଳତା ପ୍ରଦର୍ଶନ କରିଥିଲେ ।

## ଓଡିଶା ସରକାର ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଲେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ

ବାରିପଦା : ନିକଟରେ ମୋରଡ଼ା ନିର୍ବାଚନ ମଣ୍ଡଳୀ ଝିଙ୍କରିଆ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଓଡିଶା ସରକାର ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷ ରୁ ଆୟୋଜିତ ବାରିପଦା ଉପକଣ୍ଠ ବେତନଟୀ ବନାଂଚଳ ହସ୍ତୀ ପରିଚାଳନା ଏବଂ ବନାଗ୍ନି ନିରାକରଣ ନିମନ୍ତେ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର ରେ ଯୋଗ ଦେଲେ ମୋରଡ଼ା ନିର୍ବାଚନ ମଣ୍ଡଳୀ ସୁନାମଧନ୍ୟ ବିଧାୟକ ତଥା ଓଡ଼ିଶା ପ୍ରଦେଶ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ।



ମାନ୍ୟବର ମନ୍ତ୍ରୀ ମହୋଦୟ ଜୈବିକ ସମ୍ପଦର ସୁରକ୍ଷା ଓ ରକ୍ଷଣାବେକ୍ଷଣ, ଜଙ୍ଗଲ ସୁରକ୍ଷା କରିବା ସହିତ ହସ୍ତୀ ମାନଙ୍କ ବାସସ୍ଥଳୀ ଓ ଜଙ୍ଗଲ ରେ ଥିବା ଜୀବଜଗତ କୁ ସୁରକ୍ଷା କଲେ ହସ୍ତୀ ଓ ଲୋକ ମାନଙ୍କ ମଧ୍ଯ ରେ ଚାଲୁଥିବା ସଂଘର୍ଷ କୁ ଏଡାଇ ଦେଇ ହେବ ବୋଲି ତାଙ୍କ ଅଭିଭାଷଣ ରଖି ଥିଲେ ।

## ମୋଷ୍ଟ ୱାଂଟେଡ ମାଓବାଦୀ ଦାମୋଦର ମୃତ: ମୁଣ୍ଡ ଉପରେ ଥିଲା ୫୦ ଲକ୍ଷ ଟଙ୍କା

କୋଟପାଡ: ଓଡିଶା ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲାର ପୂଜାରୀ କାଁକେର ଜଙ୍ଗଲରେ ଶୁକ୍ରବାର ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ୧୨ ନୁହେଁ ବରଂ ୧୮ ଜଣ ମାଓବାଦୀ ପ୍ରାଣ ହରାଇଥିଲେ । ଏ ବିଷୟରେ ନକ୍ସଲଙ୍କ ତରଫରୁ ଦକ୍ଷିଣ ବସ୍ତର ଡିଭିଜନାଲ କମିଟି ର ସଚିବ ଗଙ୍ଗା ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଥିଲେ । ଶୁକ୍ରବାର ଦିନ ପୋଲିସ ଯେଉଁଠି ୧୨ ଜଣ ନକ୍ସଲଙ୍କ ଶବ ନେଇ ଫେରିଥିଲେ, ଶନିବାର ଦିନ ହିଁ ନକ୍ସଲ ଙ୍କ ତରଫରୁ ମୃତକଙ୍କ



ସଂଖ୍ୟା ୧୮ ବୋଲି କୁହାଯାଇଥିଲା । ପୋଲିସ ମଧ ନକ୍ସଲ ଙ୍କ ପ୍ରେସ ନୋଟ ପରେ ଏକ ପ୍ରେସ ବିଜ୍ଞପ୍ତିରେ କହିଥିଲେ ଯେ, ଗୁଳି ବିନିମୟ ପରେ ନକ୍ସଲ ୬ ଜଣଙ୍କ ଶବ ନିଜ ସାଥିରେ ନେଇଯାଇଥିଲେ । ଏହା ବି କହିଥିଲେ ଗୁଳି ବିନିମୟ ସମୟରେ ମୋଷ୍ଟ ୱାଂଟେଡ ହାର୍ଡକୋର ମାଓବାଦୀ ବଡ଼ ଚୋକାରାଓ ଓରଫ ଦାମୋଦର ଓରଫ ମୋଲାମ୍ନା ର ବି ମୃତ୍ୟୁ ହୋଇଥିବା ଜଣାଇଥିଲେ । ଏହା ମଧ ଜଣାଯାଇଛି ଯେ ମୃତ୍ୟୁ ବରଣ କରିଥିବା ମାଓବାଦୀ ଦାମୋଦରର ମୁଣ୍ଡ ଉପରେ ୫୦ ଲକ୍ଷର ପୁରସ୍କାର ରାଶି ଥିଲା । ଏହି ଗୁଳି ବିନିମୟରେ ହୁଙ୍ଗୀ ପିପିସିଏମ୍,ଯୋଗା ପିପିସିଏମ୍, ନରସିଂହ ରାଓ ପିପିସିଏମ୍ ସମେତ ଅନେକ ହାର୍ଡକୋର ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି ।

## କେନ୍ଦ୍ରାପଡ଼ା ଟାଉନ ହଲରେ ବର୍ଦ୍ଧିତ ଭତା ବିତରଣ ସମାରୋହ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ବର୍ଦ୍ଧିତ ଭତା ବିତରଣ ସମାରୋହ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଆନୁକୁଲ୍ୟରେ ଜନସେବା ଦିବସ ଭାବେ ପାଳିତ ବର୍ଦ୍ଧିତ ଭତା ବିତରଣ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଏହି ସମାରୋହରେ ମୁଖ୍ୟ ଅତିଥି ଉଚ୍ଚ ଶିକ୍ଷା, କ୍ରିଡ଼ା ଓ ଯୁବ ବ୍ୟାପାର, ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୁରଜ୍ ଯୋଗଦେଇ ପରିଣତି ବୟସରେ ଭତା ପ୍ରଦାନ ଏକ ବରଦାନ ସଦୃଶ ବୋଲି ମତବ୍ୟକ୍ତ କରିଥିଲେ ।୮୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୃଦ୍ଧା ଏବଂ ୮୦ ପ୍ରତିଶତ ବା ତଦୁର୍ଦ୍ଧ୍ୱ ଦ୍ୱିବ୍ୟାଙ୍ଗ ବ୍ୟକ୍ତିକୁ ମାସିକ୩୫୦୦ ଟଙ୍କା



ଭତା ପ୍ରଦାନ ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରି ପଦକ୍ଷେପ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି କିଶୋର କୁମାର ପଣ୍ଡା,କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଡ଼କ୍ଟର ଦୁର୍ଗାପ୍ରସନ୍ନ ନାୟକ , ଜିଲ୍ଲାପରିଷଦ ସଭାପତି ଲିଳିତା ଦାସ, କେନ୍ଦ୍ରାପଡ଼ା ପୌରାଧକ୍ଷା ଶ୍ରୀମତୀ ସରିତା ସାହୁ , ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପଜିଲ୍ଲାପାଳ ରୁଦ୍ର ପ୍ରଧାନ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତି ରୂପାଲି ପ୍ରିୟଦର୍ଶିନୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ବିଜୟ କେତନ ସାହୁ ,ଭିନ୍ନକ୍ଷମ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱପ୍ନାଂଶୁ ଦାସ ସମେତ ବହୁ ଅଧିକାରୀ ଯୋଗଦେଇଥିଲେ ।

## ଅଷ୍ଟମ କ୍ଲଷ୍ଟର ବୈଠକ ଗିରିସୋଲା

ଚିକିଟୀ : ଇଁରାଜୀ ନବବର୍ଷ ୨୦୨୫ ଜାନୁୟାରୀ ମାସର ପ୍ରଥମ ତଥା ୨୦୨୪-୨୫ ଶିକ୍ଷାବର୍ଷର ଅଷ୍ଟମ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ସମ୍ବନ୍ଧୀୟ କ୍ଲଷ୍ଟର ବୈଠକ କ ସୁବାଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗିରିସୋଲା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ଜଣେ ଲେଖାଏଁ ଏଫ ଏଲ ଏନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ । ସକାଳ ଠିକ୍ ୧୦ଘ ସମୟରେ ସି ଆର ଜି ଭେଙ୍କେଟ ଙ୍କ ସହିତ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟକ ସମସ୍ତ ଶିବିରାର୍ଥୀ ଏକତ୍ର ଉଦ୍ଘାଟନ କରିଥିଲେ । ବି ଇ ଓ ଶ୍ରୀ ବସନ୍ତ କୁମାର ପଣ୍ଡା ପରିଦର୍ଶନରେ ଆସି ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

## ଆଗାମୀ ଏପ୍ରିଲ ୧୪ରୁ ବାରିପଦାରେ ଗଣପର୍ବ ବଳାଙ୍ଗୀ ମହୋତ୍ସବ

ବାରିପଦା : ମୟୁରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ବିକାଶ ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢ଼ା ରାଉଳ ମଠ ନିକଟ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୁରଭଞ୍ଜ ଜିଲ୍ଲାର ମହାନ ଗଣପର୍ବ ମୟୁରଭଞ୍ଜ ବାଲି ମେଳା ବଳାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବା ବେଳେ, ଚଳିତ ବର୍ଷ ୨୩ତମ ରାଜ୍ୟ ସ୍ତରୀୟ ବଳାଙ୍ଗୀ ମହୋତ୍ସବ-୨୦୨୫ ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଆସନ୍ତା ଏପ୍ରିଲ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ପାଳିତ ହେବ । ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ପାଇଁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଏବଂ ମହାରାଜା ଶ୍ରୀ ରାମଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରୀକ୍ରମା କାର୍ଯ୍ୟକ୍ରମ ଆଗାମୀ ମାର୍ଚ୍ଚ ୭ରୁ ୯ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେବ । ସେହିପରି ପ୍ରତିଭା ଚୟନ ପାଇଁ ଅନୁଷ୍ଠିତ ହେଉଥିବା ବଳାଙ୍ଗୀ ଟେଲେଂଟ ହଂଟ ମେଗା



ଅଡିସନ କାର୍ଯ୍ୟକ୍ରମ ମାର୍ଚ୍ଚ ୩୦ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି । ଏହି ଅବସରରେ ଆଜି ମହୋତ୍ସବ କମିଟି ପକ୍ଷରୁ ମହୁଲିଆ ପ୍ରେମ ବାଟିକା ମଣ୍ଡପ ଠାରେ ଏକ ପ୍ରସ୍ତୁତି ବୈଠକ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଭାପତି ପୂର୍ବତନ ବିଧାୟକ ରାଜକିଶୋର ଦାସ, ମେଳା କମିଟିର ଅଧ୍ୟକ୍ଷ ଓକିଲ ଅରବିନ୍ଦ ଦାସ, ଉପାଧ୍ୟକ୍ଷ ରାଜୀବ ଲୋଚନ ସେନାପତି, ଉପସଭାପତି ରଜତ କୁମାର ପଣ୍ଡା, ପଣ୍ଡିତ ଭାଗବତ ପଣ୍ଡା, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, କୋଷାଧକ୍ଷ ଓକିଲ ଲିଙ୍ଗରାଜ ମିଶ୍ର, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ରାକେଶ ସିଂ, ଯୋଗେଶ ଅଗ୍ରୱାଲା, ପ୍ରାଧ୍ୟାପକ ସୁନୀଲ ଜେନା, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକ, ନିରୋଜ କୁମାର ପୋଥାଳ ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ବଳାଙ୍ଗୀ ମହୋତ୍ସବ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ବେତନଟି ପଦ୍ମମାଳି ମହିଳା ସଂଗଠନର ପ୍ରଭାତି ମହାନ୍ତି, ଝାରପୋଖରୀଆର କ୍ଷୀରୋଦ ଚନ୍ଦ୍ର ଦାସ, କପ୍ତିପଦାର ଇନ୍ଦୁମତି ମହାନ୍ତି, ଦେଉଳିର ଗୋପାଳ ଚନ୍ଦ୍ର ଦାସ, ଚିତ୍ରଡାର ଅଜୟ କୁମାର ପାଳ, ପାଟୁଳିପୁରାର ରମାକାନ୍ତ ମହାନ୍ତ, ଗଣ ମାଧ୍ୟମ ପ୍ରତିନିଧି, ଦୋଳ ଗୋବିନ୍ଦ ବାରିକ, ରଞ୍ଜନ କୁମାର ଦାଶ, ନୀଳାଦ୍ରି ବିହାରୀ ଦଣ୍ଡପାଟ ପ୍ରମୁଖ ଆଗାମୀ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ପ୍ରସ୍ତାବ ମାନ ଦେଇଥିବା ବେଳେ କୃତି ଶିକ୍ଷକ ଡ଼ । ଶଶୀଧର ବିଶ୍ୱାଳ ମଂଚ ପରିଚାଳନା କରିଥିଲେ । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ମହୋତ୍ସବ କମିଟିର ସଦସ୍ୟ ସଦସ୍ୟ ମାନେ ବହୁ ସଂଖ୍ୟାରେ ବୈଠକରେ ଯୋଗଦେଇଥିବା ବେଳେ, ସଦସ୍ୟ ପିତାମ୍ବର ମଲ୍ଲିକ, ଉଦୟ ନାଥ ଜେନା, ରମାକାନ୍ତ ରାଉତ, ଦିଲ୍ଲୀପ କୁମାର ପାତ୍ର, ମିଥୁନ ବାରିକ, ସନାତନ ସିଂ, କୁନୁ ସିଂ, ଅଭିନବ ନନ୍ଦ, ପ୍ରମୁଖ ସମସ୍ତ କାର୍ଯ୍ୟର ସୁପରିଚାଳନା କରିଥିଲେ ।

## ଅଷ୍ଟମରେ ବୃତି ପାଇଲେ ନବମ ଶ୍ରେଣୀ ଛାତ୍ରୀ

କୋରାପୁଟ: କୋରାପୁଟ ଶିଶୁ ବିଦ୍ୟାମନ୍ଦିର ର ବର୍ତମାନ ନବମ ଶ୍ରେଣୀ ରେ ଅଧ୍ୟନରତ ଇଗ୍ନିନିଶା ମହାନ୍ତି ୨୦୨୨/ ୨୦୨୩ ବର୍ଷ ପାଇଁ ପ୍ରଥମ ସ୍ଥାନ ରଖି ଶିକ୍ଷା ବିଭାଗ ଦ୍ୱାରା ବ୍ଲକ ସ୍ତରୀୟ ବୃତି ପାଇବାକୁ ବିବେଚିତ ହୋଇଥିବାର ଜଣାପଡିଛି । ସେ ଏକାଧାର ରେ ଜଣେ ବହୁପ୍ରତିଭାର ଅଧିକାରିଣୀ ହୋଇଥିବା ବେଳେ ଖେଳ କୁଦ ବିଭିନ୍ନ ପ୍ରତିଯୋଗିତା ରେ ଭାଗ ନେଇପୁରସ୍କୃତ ହୋଇ ନିଜ ବିଦ୍ୟାଳୟ ତଥା ରେ ଜିଲ୍ଲା ପାଇଁ ଗୌରବ ଆଣୁଥିବାର ଜଣାପଡିଛି । ବାପା ଦ୍ୱାରିକା ନାଥ ମହାନ୍ତି ଏବଂ ମା କଳ୍ପନା ମହାନ୍ତି ବଡ଼ ଭଉଣୀ ସମେତ ପରିବାର ର ସମସ୍ତ ସଦସ୍ୟ ଙ୍କର ଆର୍ଶୀବାଦ ହିଁ ତାଙ୍କ ସଫଳତା ର ଚାବି କାଠି ବୋଲି ନିଜ ପ୍ରତିକ୍ରିୟା ରେ ସେ କହିଛନ୍ତି ।

## ଉଦାସ ଆଶ୍ରମ ପିଠାଧୀଶ ଦିବ୍ୟଲୋଚନ ଦାସଙ୍କ ଅଭିଷେକ ଉତ୍ସବ

ବଡ଼ଚଣା : ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲର ଛତିଆ ଉଦାସ ଆଶ୍ରମ ର ପିଠାଧିସ ମହନ୍ତ ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜ ଙ୍କର ଗତ ତା ୧୯-୧୧-୨୦୨୪ ରିଖରେ ବ୍ରହ୍ମ ଲୀନ ପରେ ମହାରାଜ ଙ୍କ ପଟ୍ଟ ଶିଷ୍ୟ ଦିବ୍ୟ ଲୋଚନ୍ ମହାରାଜଙ୍କୁ ପିଠାଧିସ ମହନ୍ତ ଭାବେ ଆଶ୍ରମ କମିଟିର କର୍ମକର୍ତା,ଶିଷ୍ୟ ଭକ୍ତ,ଗ୍ରାମବାସୀ ଓ ଅଂଚଳ ବାସି ଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇ ବ୍ରହ୍ମ ଲୀନ ସ୍ୱାମୀ ଜି ଙ୍କ ର ୨୧ ଦିବସୀୟ ମହୋତ୍ସବରେ ସମାଧୀ ପ୍ରତିଷ୍ଠା,ବିଶ୍ୱ ଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ, ସନ୍ଥ ପୂଜନ, ବ୍ରାହ୍ମଣ ବୈଷ୍ଣବ ସେବା,ଆଦି କାର୍ଯ୍ୟକ୍ରମ କରାଯାଇଥିଲା । ପବିତ୍ର ଅଭିଷେକ ପୂର୍ଣ୍ଣମୀରେ ପ୍ରଭୁ ଶୂନ୍ୟ ବାସୀଙ୍କ ପୂଜା, ଚତୁର୍ଦ୍ଧାମୂର୍ତିଙ୍କ ପୁଜା, ଓ ଗୁରୁ ଅଭିଷେକ ପୂଜା ଆଦି କରାଯାଇ ପିଠାଧିସ ମହନ୍ତ ସ୍ୱାମୀ ଦିବ୍ୟ ଲୋଚନ ମହାରାଜ ଓ ସହକାରୀ ପଦ୍ମଲୋଚନ ମହାରାଜ ଙ୍କୁ ଅଭିସେକ କରାଯାଇଥିଲା ।



ବର୍ଷୀୟାନ ସନ୍ଥ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ପିଠା ଧିଶ ମହନ୍ତଙ୍କୁ ଶିରପା ବାନ୍ଧିବା ପରେ ମହନ୍ତ ନିଜର ସହଯୋଗୀ ଙ୍କୁ ସିରପା ପ୍ରଦାନ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ଜ୍ଞାନ । ନନ୍ଦ ସରସ୍ୱତୀ, ଉଦ୍ଧବ ବାବା , ବିଚିତ୍ରାନନ୍ଦ ଦାସ ଙ୍କ ସହିତ ପଣ୍ଡିତ ଖଗେଶ୍ୱର ରଥ ଗୟାଧର ପଣ୍ଡା, ନୀଳମଣି ପଣ୍ଡା, ଯଜ୍ଞ କାର୍ଯ୍ୟ ସମ୍ପାଦନ କରି ଥିଲେ । ଉଦାସ ପନ୍ଥି ଭକ୍ତ ଶଶିଭୂଷଣ ନାୟକ, ବିଜୟ କୁମାର ପଣ୍ଡା, ସୁଧାଂଶୁ ଶେଖର ନାୟକ,ଜୟନ୍ତ କୁମାର ସେନ, ମହେଶ୍ୱର ପୃଷ୍ଟି,ମାଧବାନନ୍ଦ ମହାପାତ୍ର,ଉତ୍ସବ ବିଶ୍ୱାଳ,,,ରମେଶ ବିଶ୍ୱାଳ,,ଧନଞ୍ଜୟ ଲେଙ୍କା, ଓଡ଼ିଶା ହାଇକୋର୍ଟ ର ଆଇନଜୀବି ଶୁଭ୍ରାଂଶୁ ମହାନ୍ତି, କରୁଣାକର ଜେନା, ପ୍ରମୁଖ ଯୋଗ ଦେଇଥିଲେ । ଓଡିଶାର ପ୍ରତି ପ୍ରାନ୍ତରୁ ଉଦାସ ପାଣ୍ଠି ଭକ୍ତ ଯୋଗ ଦେବା ସହିତ ଆଶ୍ରମ ଚତୁର୍ପାର୍ଶ୍ୱ ଗ୍ରାମର ଭକ୍ତଙ୍କୁ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା ।

## ଗୋପୀନାଥପୁର ପଂଚାୟତରେ ଚକ୍ଷୁ ପରୀକ୍ଷା ଶିବିର

କେନ୍ଦୁଝର: କେନ୍ଦୁଝର ଉନ୍ନୟନ ଟ୍ରଷ୍ଟ ଓ ଗୋପୀନାଥପୁର ପଂଚାୟତ ର ମିଳିତ ସହଯୋଗରେ ପଂଚାୟତ କାର୍ଯ୍ୟାଳୟ ଠାରେ ମାଗଣା ଚକ୍ଷୁ ପରୀକ୍ଷା ଏବଂ ମତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଛି ।ଶିବିର କୁ ସରପଂଚ ସୋରୋଜ କୁମାର ଦେହୁରୀ ଉଦଘାଟନ କରିଥିଲେ ।କେନ୍ଦୁଝର ଉନ୍ନୟନ ଟ୍ରଷ୍ଟ ଚେୟାରମ୍ୟାନ ଅଧିବକ୍ତା ଜଗତଜିତା ଦାସ ଙ୍କ ନେତୃତ୍ୱ ନେଇଥିଲେ ।କାର୍ଯ୍ୟକ୍ରମରେ ଗୋପୀନାଥପୁର ଶାସନ, ଧାତିକା,ଟାଙ୍ଗରତଳୀ, ଜଳବଙ୍ଗ, ହର୍ଷପୁର, ସିଲିସୁଆଁ ସମେତ ସ୍ଥାନୀୟ ଅଂଚଳର ୪୭ଜଣ ବରିଷ୍ଠ ନାଗରିକ



ଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି । କେନ୍ଦୁଝର ଭୂମିକା ଚକ୍ଷୁ ଚିକିତ୍ସାଳୟର ଅପଟମ ସାୟନସୁନ୍ଦର ମାଇତି ଓ ବରିଷ୍ଠ ସ୍ୱାସ୍ଥ୍ୟସେବିକା ମଧୁସ୍ମିତା ବେହେରା,କ୍ଷେତ୍ରୀୟ ସଂଚାଳକ ଶ୍ରୀ ରୁଦ୍ରନାରାୟଣ ଲୋହାର,ସଂଗଠକ ଶ୍ରୀ ହିମାଂଶୁ ପାତ୍ର ପ୍ରମୁଖ ରୋଗୀମାନଙ୍କର ପ୍ରାଥମିକ ଚିକିତ୍ସା କରିବା ସହିତ ପରାମର୍ଶ ପ୍ରଦାନ କରିଥିଲେ । ଏମାନଙ୍କ ମଧ୍ୟରୁ ୧୫ଜଣ ବରିଷ୍ଠ ନାଗରିକ ଙ୍କ ର ମୋତିଆବିନ୍ଦୁ ଚିହ୍ନଟ କରାଯାଇଛି । ୧୦ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଭୂମିକା ଚକ୍ଷୁ ଚିକିତ୍ସାଳୟ କୁ ଟ୍ରଷ୍ଟ ପକ୍ଷରୁ ପ୍ରେରଣ କରାଯାଇଛି ।ବରିଷ୍ଠ ଗାନ୍ଧିବାଦୀ ସଂଗଠକ ଶ୍ରୀ ଭକ୍ତବତ୍ସଳ ମହାନ୍ତି,ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଶ୍ରୀମତୀ ତିଲତୋମା ମହାକୁଡ ଏବଂ ଗ୍ରାମ ରୋଜଗାର ସେବକ ସୁଶ୍ରୀ ପ୍ରିତିପ୍ରଭା ବେହେରା ଶିବିର

ଭଞ୍ଜଦୂତ

# ଆୟୋଜିତ ହେଲା ମୟୂରଭଞ୍ଜ ହାଫ ମାରାଥନ: ଚମକିଲେ ବିଦେଶୀ ମାରାଥନ ଦୌଡ଼ାଳି



ବାରିପଦା: ମୟୂରଭଞ୍ଜ ଏଥଲେଟିକ ଆସୋସିଏସନ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଆୟୋଜିତ ମୟୂରଭଞ୍ଜ ହାଫ ମାରାଥନ ରବିବାର ଦିନ ହର୍ଷୋଲ୍ଲାସ ସହିତ ସଫଳ ଭାବେ ସମ୍ପାଦିତ ହୋଇଅଛି । ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟଙ୍କ ତତ୍ତ୍ୱାବଧାନରେ ବିଗତ ୧୫ ଦିନ ପୂର୍ବରୁ ଏହି ଆୟୋଜନର ପୂର୍ବପ୍ରସ୍ତୁତି ହୋଇଥିବା ବେଳେ ଏହାର ଅନଲାଇନ ପଞ୍ଜିକରଣ କାର୍ଯ୍ୟ ଚାଲୁଥିଲା ଏବଂ ଶନିବାର ଦିନ ସ୍ଥାନୀୟ ଛଉ ପଡିଆ ଠାରେ ଅଫଲାଇନ ପଞ୍ଜିକରଣ ଓ ଦୌଡାଳୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା । ରବିବାର ସକାଳ ୬ଟା ସମୟରେ, ବାରିପଦାର ଶୀତୁଆ କୁହୁଡି ଆଚ୍ଛନ୍ନ ପରିବେଶରେ ଏହି ମାରାଥନ ଆୟୋଜନ ତଥା ଆନୁଷ୍ଠାନିକ ଭାବେ ମାନ୍ୟବର ମନ୍ତ୍ରୀ ଗୃହ ଏବଂ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଉଦ୍ଘାଟନ କରିଥିଲେ । ଏହି ମାରାଥନ ପ୍ରତିଯୋଗିତାରେ ତିନୋଟି ବିଭାଗ ଯଥା ହାଫ ମାରାଥନ (୨୧ କି.ମି.), ମିନି ମାରାଥନ (୧୦ କି.ମି) ଏବଂ ସଡକ ସୁରକ୍ଷା ରିଲେ ମାରାଥନ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ପାଖାପାଖି ୧୨୦୦ରୁ ୧୫୦୦ ମାରାଥନ ଦୌଡାଳୀଙ୍କ ସମେତ ୨ଜଣ ଅନ୍ତଃ ରାଷ୍ଟ୍ରୀୟ ମାରାଥନ ରନର ଅଂଶଗ୍ରହଣ କରି ମୟୂରଭଞ୍ଜର ସଦର ମହକୁମା ବାରିପଦା ଠାରୁ ଦୌଡ ଆରମ୍ଭ କରି ଶିମିଳିପାଳ ପାଦଦେଶରେ ଥିବା ପିଠାବଟା ଗେଟ ପର୍ଯ୍ୟନ୍ତ ଦୌଡ଼ି ଏହି ମାରାଥନ ସମ୍ପୂର୍ଣ୍ଣ କରିଥିଲେ ।

ସୂଚନା ଥାଉକି ସକାଳ ୬:୩୦ ମି ସମୟରେ ଏହି ପ୍ରତିଯୋଗିତାକୁ ମାନ୍ୟବର ମନ୍ତ୍ରୀ ଡଃ ମହାପାତ୍ରଙ୍କ ସହିତ ମାନ୍ୟବର ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହନ୍ତ, ମାନ୍ୟବର ବିଧାୟକ, ସାରସକଣା ଶ୍ରୀ ଭାଦବ ହାଁସଦା, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଭାରତୀ ହାଁସଦା, ବାରିପଦା ପୌରପାଳିକା ନଗରପାଳ, ଶ୍ରୀ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଂଟୁପଲ୍ଲୀ, ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡଃ ପ୍ରକାଶ ଚାନ୍ଦ ଗୋଗିନେନି, ଶିମିଳିପାଳ ଉପନିର୍ଦ୍ଦେଶକ ଶ୍ରୀ ସମ୍ରାଟ ଗୌଡା, ଶ୍ରୀ ସାଇକିରଣ ପ୍ରମୁଖଙ୍କ ସମେତ ମୟୂରଭଞ୍ଜ ମାଟିର ଝିଅ ତଥା ଅନ୍ତଃରାଷ୍ଟ୍ରୀୟ କ୍ରୀଡ଼ାବିତ ପୂର୍ଣ୍ଣିମା ଚାନ୍ଦ ଓ ଜଉନା ମୁର୍ମୁ ଆନୁଷ୍ଠାନିକ ଭାବେ ବାରିପଦାସ୍ଥ ଛଉ ପଡିଆ ଠାରେ ଉଦ୍ଘାଟନ କରିବା ସହିତ ୫ମ ବାଟାଲିଆନର ସେନାବାହିନୀ, ମାରାଥନ ମଶାଲ ନେଇ ଅଗ୍ରସର ହୋଇଥିଲେ । ପରେ ପରେ ସମସ୍ତ ଦୌଡାଳୀ ଜଗନ୍ନାଥ ମନ୍ଦିର ବଡଦାଣ୍ଡ ରାସ୍ତାରେ ଏବଂ ଅଷ୍ଟିଆ ବ୍ରିଜ ଦେଇ ସାମାଖୁଂଟା, ଲୁଲୁଙ୍ଗ ରାସ୍ତା ଅଭିମୁଖେ ଦୌଡ଼ିଥିଲେ । ପୁଲିସ, ଡାକ୍ତରୀ ଟିମ ଏବଂ ମାଜିଷ୍ଟ୍ରେଟଙ୍କ ପର୍ଯ୍ୟାପ୍ତ ସୁରକ୍ଷା ବଳୟ ମଧ୍ୟରେ ଏହି ମାରାଥନ ପ୍ରତିଯୋଗିତା ନିର୍ଦ୍ଵନ୍ଦରେ ଅଗ୍ରସର ହୋଇ ନିର୍ଦ୍ଧାରିତ ପିଠାବଟା ଅଂଚଳରେ ସମାପ୍ତ ହୋଇଥିଲା । ଶିମିଳିପାଳ ବଂଚାଅ ଅଭିଯାନକୁ ଜନପ୍ରସାରୀ କରିବା ନିମନ୍ତେ ଏହି ମାରାଥନ ଆୟୋଜନ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଶିମିଳିପାଳ ଜୈବ ମଣ୍ଡଳ ସମଗ୍ର ଏସିଆର ସବୁଠାରୁ ବୃହତ ଜୈବ ମଣ୍ଡଳ ଯାହାର ସୁରକ୍ଷା ବାର୍ତା ନେଇ ଜିଲ୍ଲା ପ୍ରଶାସନ ଦ୍ୱାରା ଆରମ୍ଭ ହୋଇଥିବା ଏହି ମାରାଥନ ଏକ ଉଚ୍ଚକୋଟୀର ବିଚାରଧାରା ବୋଲି ମାନ୍ୟବର ମନ୍ତ୍ରୀ ଡଃ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ସହିତ ମହାନଦୀ କୋଲ ଫିଲଡ ଲିମିଟେଡ଼, ବନଖଣ୍ଡ ବିଭାଗ, ଶିମିଳିପାଳ ଫାଉଣ୍ଡେସନ, ଆଂଚଳିକ ପରିବହନ ଅନୁଭାଗ, ପ୍ରୋ ସ୍ପୋର୍ଟ୍ସ ଅନୁଷ୍ଠାନ ମାନେ ଏହାର ପ୍ରଯୋଜକ ହୋଇ ଏହି କାର୍ଯ୍ୟକ୍ରମଟିକୁ ସଫଳ କରାଇଥିଲେ । ଏହି ମାରାଥନ ଦୌଡ ପାଇଁ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଶୁଭାଶିଷ ନାୟକଙ୍କ ପ୍ରଚେଷ୍ଟାରେ ଓଡିଶା ଅଲମ୍ପିକ ଆସୋସିଏସନ ନିଜର ବହୁ ଅଭିଜ୍ଞ ସଦସ୍ୟ ତଥା ରାଷ୍ଟ୍ରୀୟ ଓ ଅନ୍ତଃ ରାଷ୍ଟ୍ରୀୟ କ୍ରୀଡ଼ାବିତ ମାନଙ୍କୁ ଏହି ମାରାଥନ କାର୍ଯ୍ୟକ୍ରମରେ ସାମିଲ କରାଇ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ସଫଳ ଖେଳାଳି ମାନଙ୍କୁ ଚୟନ ପ୍ରକ୍ରିୟାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ସର୍ବଶେଷରେ, ହାଫ ମାରାଥନ ପୁରୁଷ ବିଭାଗରେ ଉତର ପ୍ରଦେଶର ଆରିଫ ଅଲି ପ୍ରଥମ ସ୍ଥାନରେ ରହି ପୁରସ୍କାର ଜିତିଥିବା ବେଳେ, ଇଥିଓପିଆର ମାରାଥନ ଦୌଡ଼ାଳି ତେବେୟେ କିଂଟୋ ଦ୍ୱିତୀୟ ସ୍ଥାନ ଓ ଅର୍ଜୁନ ଟୁଡୁ ତୃତୀୟ ସ୍ଥାନରେ ରହିଥିଲେ । ସେହି ଭଳି ମହିଳା ବର୍ଗରେ ଉତର ପ୍ରଦେଶର କେ. ଏମ ସନ୍ଧ୍ୟାରାଣୀ ପଲ ପ୍ରଥମ, ନିଶା ଦ୍ୱିତୀୟ, ଓ ପଶ୍ଚିମ ବଙ୍ଗର ମଦିନା ପଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଉଭୟ ପୁରୁଷ ଓ ମହିଳା ବର୍ଗରେ ଶ୍ରେଷ୍ଠ ୨୦ ଜଣଙ୍କୁ ମଧ୍ୟ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯିବା ସହିତ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ ମେଡାଲ ପ୍ରଦାନ କରାଯାଇଥିଲା । ସେହିଭଳି, ମିନି ମାରାଥନରେ ମହିଳା ବର୍ଗରେ ସନ୍ଧ୍ୟା ମୁର୍ମୁ ପ୍ରଥମ, ଦିପ୍ତୀରାଣୀ ସାହୁ ଦ୍ୱିତୀୟ, ଇତିଶ୍ରୀ ମହାନ୍ତ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବାବେଳେ, ପୁରୁଷ ବିଭାଗରେ ବିଶାଲ ବର୍ମା ପ୍ରଥମ, ସୁଦର୍ଶନ ବିନ୍ଧ ଦ୍ୱିତୀୟ, ଓ ସିଦ୍ଧାର୍ଥ ଗୌତମ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ ।ଏହି ବିଭାଗରେ ମଧ୍ୟ ଶ୍ରେଷ୍ଠ ୧୦ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏଥିସହିତ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ଏବଂ ତତ୍ତ୍ୱାବଧାନରେ ସାହାଯ୍ୟ କରିଥିବା ଅଧିକାରୀ, ବିଭିନ୍ନ ପ୍ରଶାସନିକ ପଦାଧିକାରୀ ଓ କ୍ରୀଡା ବିଭାଗର ସମସ୍ତ ଆୟୋଜକଙ୍କୁ ସମ୍ମାନୀତ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ମଂଚପରିଚାଳନାରେ ବରିଷ୍ଠ କ୍ରୀଡା ପ୍ରଶିକ୍ଷକ ଶ୍ରୀ କୁମାର ପଣ୍ଡା, ଅତିରିକ୍ତ କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଓରମାସ ଡେପୁଟି ସିଇଓ ବିମାନ ମଲ ପ୍ରମୁଖ ସହଯୋଗ କରିଥିବା ବେଳେ ପୋଲିସ, ବନ ବିଭାଗ, ବାରିପଦା ଉପଖଣ୍ଡର ସମସ୍ତ ତହସିଲଦାର, ବିଡ଼ିଓ ଓ ବାରିପଦା ଉପଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା, ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ବିଶ୍ୱରାଜ ବେହେରା, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି ପ୍ରମୁଖ କାର୍ଯ୍ୟକ୍ରମର ଆବଂଟିତ ସମସ୍ତ ସମସ୍ତ ଦାୟିତ୍ୱ ନିର୍ବାହ କରି ଏହି ମୟୂରଭଞ୍ଜ ହାଫ ମାରାଥନକୁ ସଫଳ ରୂପାୟନ ଦେଇଥିଲେ ।

# ରୋଗୀ ନେଇ ଯାଉଥିବା ବସ୍ ଦୁର୍ଘଟଣାଗ୍ରସ୍ତ: ବାପ ଝିଅ ମୃତ, ୨୦ରୁ ଉର୍ଦ୍ଧ୍ୱ ଆହତ

ମାଲକାନଗିରି: ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଂଚଳରୁ ପ୍ରାୟ ୩୦ ରୋଗୀଙ୍କୁ ନେଇ ବିଶାଖାପାଟଣା ସ୍ଥିତ ଅନିଲ ନିରୁକୋଣ୍ଡା ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଉଥିବା ବସ୍‌ଟି ଏକ ଟ୍ରକ୍ ସହିତ ଧକ୍କା ହୋଇ ଦୁର୍ଘଟଣା ଘଟିଛି । ଦୁର୍ଘଟଣାଟି ବିଶାଖାପାଟଣା ନିକଟରେ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲା ପଡ଼ିଆ ଥାନାସ୍ଥ ଏମଭି ୫୮ ଗ୍ରାମର ସୁବ୍ରତ ରାୟ ଏବଂ ତାଙ୍କ ସାନ ଝିଅଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଏହା ସହିତ ୨୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହାତ ହୋଇଥିବାର ଜଣାପଡିଛି । ମୃତ ସୁବ୍ରତ ରାୟ ବିଜେପି ଦଳର ଏମଭି ୫୮ ଗ୍ରାମର ବୁଥ୍‌ର ସଭାପତି ଥିଲେ ଏବଂ ପଡ଼ିଆ ମଣ୍ଡଳର ଭାଜପା ଯୁବ ନେତା ଥିଲେ । ସୂଚନା ମୁତାବକ, ବସ୍‌ଟି ଶୁକ୍ରାବାର ରାତିରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଂଚଳରୁ ପ୍ରାୟ ୩୦ ରୋଗୀଙ୍କୁ ବିଶାଖାପାଟଣା ସ୍ଥିତ ଅନିଲ ନିରୁକୋଣ୍ଡା ହସ୍ପିଟାଲରେ ଚିକିତ୍ସା ପାଇଁ ନେଇ ଯାଉଥିଲା । ରାସ୍ତାରେ ଯାଉଥିବା ବେଳେ ସାମ୍ନାରେ ଏକ ଟ୍ରକ୍ ଖରାପ ହୋଇ ଛିଡା ହୋଇଥିଲା । କୁହୁଡି ଯୋଗୁଁ ବସ୍ ଚାଳକ ଟ୍ରକ୍‌କୁ ଦେଖି ପାରି ନଥିଲେ । ଫଳରେ ବସ୍‌ଟି ଉକ୍ତ ଟ୍ରକ୍‌କୁ ଧକ୍କା ହୋଇଥିଲା । ଦୁର୍ଘଟଣା ଘଟିବା ଫଳରେ ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହାତ ହୋଇଥିବା ବେଳେ ସୁବ୍ରତ ରାୟ ନାମକ ବ୍ୟକ୍ତି ଏବଂ ତାଙ୍କ ସାନ ଝିଅ ପ୍ରାଣ ହରାଇଥିଲେ । ଏହା ଦେଖି ସ୍ଥାନୀୟଲୋକେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି ।

# ଖାଉଟି ସଚେତନତା କର୍ମଶାଳା



ପୁରୀ : ପୁରୀ ଜିଲ୍ଲା ପ୍ରଶାସନ ଓ ନିହିଡା ଖାଉଟି ସଂସ୍ଥା ଦ୍ୱାରା ଆୟୋଜିତ ଏକ ବ୍ଲକ ସ୍ତରୀୟ କର୍ମଶାଳା ପୁରୀ ସଦର ବ୍ଲକ ପରିସର ଭୁକ୍ତ ବାଲିପୁଟ ଗ୍ରାମ ପଂଚାୟତ ଅନ୍ତର୍ଭୁକ୍ତ ଶାସ୍ତ୍ରୀ ସ୍ମୃତି ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଖାଉଟି ସଚେତନତା କର୍ମଶାଳା ସହକାରୀ ଓଜନ ଓ ମାପ ବିଭାଗ ଅଧିକାରୀ ଶ୍ରୀଯୁକ୍ତ ଅକ୍ଷୟ କୁମାର ଭୋଇ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଖାଉଟି ସଚେତନତା କର୍ମଶାଳାରେ ମୁଖ୍ୟ ଅଥିଥି ରୂପେ ଉଚ୍ଚ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ଅଶୋକ କୁମାର ରାଉତ ଯୋଗ ଦେଇଥିଲେ ଖାଉଟି ସୁରକ୍ଷା ଆଇନୀ ୧୯୮୬ ଓ ୨୦୧୯ ସମ୍ପର୍କରେ ବ୍ୟାପକ ଆଲୋଚନା ପୂର୍ବକ ପ୍ରତ୍ୟେକ ଉପଭୋକ୍ତା ଖାଉଟି ଅଧିକାର ଓ କର୍ତବ୍ୟ ସମ୍ପର୍କରେ ସଚେତନ ହେବାସହିତ ଯେକୌଣସି ଦ୍ରବ୍ୟ ବା ସେବା ଗ୍ରହଣ ସମୟରେ ରସିଦି ସଂଗ୍ରହ ପ୍ୟାକେଟ ଯୁକ୍ତ ଦ୍ରବ୍ୟର ସର୍ବାଧିକ ମୂଲ୍ୟ ଉପରେ ମୂଲଚାଲ କରିବା ଖାଉଟି ଶିକ୍ଷା ଓ ଅଭିଯୋଗ କରିବାର ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ । ନିହିଡ଼ା ର ସମ୍ପାଦକ ଶ୍ରୀଯୁକ୍ତ ଭକ୍ତ ବିହାରୀ ମିଶ୍ର ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ବିଶୁଦ୍ଧ ଖାଦ୍ୟ ଗ୍ରହଣ ଓ ଖାଦ୍ୟର ମାନ ତନଖି ସରକାରଙ୍କ ଦ୍ୱାରା ସିକୃତି ପ୍ରାପ୍ତ ମାନଙ୍କ ଗୁଡ଼ିକ ଉପରେ ଗୁରୁତ୍ୱ ଦେଇ ଖାଉଟି ଦ୍ରବ୍ୟ କିଣିବାକୁ ପରାମର୍ଶ ଦେଇଥିଲେ । ଉଚ୍ଚ ବିଦ୍ୟାଳୟର ଇଂରାଜୀ ଅଧାପକ ପ୍ରଦୀପ୍ତ କୁମାର ବିଶ୍ୱାଳ,ଅଧାପକ ମନୋଜ କୁମାର ମହାପାତ୍ର, ମନୋରଞ୍ଜନ ମିଶ୍ର ଉପସ୍ଥିତ ରହି ସେମାନଙ୍କର ବହୁମୂଲ୍ୟ ପରାମର୍ଶ ମାନ ସଚେତନତା ଉଦ୍ଦେଶ୍ୟରେ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରଦାନ କରିଥିଲେ । ଅନ୍ୟତମ ଅଥିତି ଶ୍ରୀଯୁକ୍ତ କିଶୋର କୁମାର ମହାପାତ୍ର ଖାଉଟି ସଚେତନତା ର ବାର୍ତା ଗ୍ରାମାଂଚଳରେ ପ୍ରଚାର ପ୍ରସାର କରିଥିଲେ । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ଆୟୋଜନ କରାଯାଇ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କର୍ମଶାଳାକୁ ସଫଳତା ଓ ଶୃଙ୍ଖଳାତା ସହିତ ପରିଚାଳନା କରିବା ନିମନ୍ତେ ବାଲିପୁଟ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ଅନୁଷ୍ଠାନ ର ସହ ସମ୍ପାଦକ ବିକ୍ରମଦତ ପରିଡ଼ା ଓ ସତ୍ୟନାରାୟଣ ବେହେରା ଓ ନିହିଡା ର ସଂଯୋଜକ ସଶିସେଖର ପଣ୍ଡା ଶୃଙ୍ଖଳାର ସହିତ ପରିଚାଳନା କରି ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଅସୁବିଧାରେ ପଡିଥିବା ପରିବାରକୁ ସେବା ସଂସ୍ଥାନର ସହଯୋଗ



ଚିକିଟୀ : ଚିକିଟୀ ବ୍ଲକ ପିତାତଳି ପଂଚାୟତ ଜଗନ୍ନାଥପୁର ଗ୍ରାମର ଲୋକନାଥ ଗୌଡ଼ ନାମକ ଜଣେ ବ୍ୟକ୍ତି କ୍ୟାନ୍ସର ରୋଗରେ ପୀଡିତ ହୋଇଥିଲା ଏବେ ଆଠ ଦିନ ତଳେ ତାର ମୃତ୍ୟୁ ହୋଇଗଲା ,ସେ ତାଙ୍କ ପରିବାରର ଏକ ମାତ୍ର ରୋଜଗାର କରି ପରିବାରକୁ ଲାଳନ ପାଳନ କରୁଥିଲା ତାଙ୍କ ପରିବାର କହିଲେ ତିନୋଟି ପିଲା ଏବଂ ତାଙ୍କ ସ୍ତ୍ରୀ, ତାଙ୍କ ପରିବାରର ପରିସ୍ଥିତି ଏତେ ଖରାପ ଅବସ୍ଥା କହିଲେ ନସରେ ଏମିତିକି ତାଙ୍କ ସ୍ତ୍ରୀ ନିଜେ ତାଙ୍କ ସ୍ୱାମୀର ଶୁଦ୍ଧକାର୍ଯ୍ୟ କରିବା ପାଇଁ ମଧ ତା ପାଖରେ ସକ୍ଷମ ନାହିଁ ,ଏହି ଖବର ଶୁଣି ସେବା ସଂସ୍ଥାନ ର ସଭ୍ୟ ମାନେ ଓ ଜଗନ୍ନାଥପୁର ଗ୍ରାମର ଯୁବ ଭାଇ ମାନେ ତାଙ୍କ ଘର ନିକଟକୁ ଜାହିଁ ଶୁଦ୍ଧକାର୍ଯ୍ୟ ନିମନ୍ତେ ୮୫୦୦ ଟଙ୍କା ଓ ଗୋଟେ ଚାଉଳ ପକେଟ୍ ପ୍ରଦାନ କରିଥିଲେଆମ ଜଗନ୍ନାଥପୁର ଗ୍ରାମର ଲୋକମାନେ ସେବା ସଂସ୍ଥାନ କୁ ପ୍ରଶଂସା କରିଥିଲେ । ସେବା ସଂସ୍ଥାନ ର ସଭ୍ୟ ମାନେ କିଛି କିଛି ଟ ଙ୍କା ବାହାର କରି ଅସୁବିଧାରେ ପଡିଥିବା ପରିବାରକୁ ସହଯୋଗ କରିବା,ରକ୍ତ ଦାନ କରିବା ବୃକ୍ଷ ରୋପଣ କରିବା ଆଦି ସମାଜ ମଙ୍ଗଳ କାମ କରୁଛନ୍ତି ।

## ପଂଚମ ଶ୍ରେଣୀ ରେ ବୃତି ପାଇଲେ ଶ୍ରୀହାନ

କୋରାପୁଟ: ୨୦୨୪/୨୦୨୫ ପାଇଁ ବ୍ଲକ ସ୍ତରୀୟ ପଂଚମ ଶ୍ରେଣୀ ରେ ବୃତି ପାଇବାକୁ କୋରାପୁଟ ସ୍ୱରସ୍ୱତୀ ଶିଶୁବିଦ୍ୟାମନ୍ଦିର ର ବର୍ତମାନ ଷଷ୍ଠ ଶ୍ରେଣୀ ରେ ପଢୁଥିବା ପିତା ରାଜତ ବେହେରା ମାତା ସସ୍ମିତା ବେହେରା ଙ୍କ ଏକମାତ୍ର ପୁତ୍ର ବ୍ଲକ ସ୍ତରୀୟ ପଂଚମ ଶ୍ରେଣୀ ବୃତି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ନିଜର ବିଦ୍ୟାଳୟ ପରିବାର ଏବଂ ଜିଲ୍ଲା ପାଇଁ ଗୌର୍ବ ଅର୍ଜନ କରିଛନ୍ତି ।

# କଳାହାଣ୍ଡି ଜିଲ୍ଲା ସଂସ୍କୃତି ଭବନର ଭିତିପ୍ରସ୍ତର ସ୍ଥାପନ



ଭବାନୀପାଟଣା: କଳାହାଣ୍ଡି ଜିଲ୍ଲା ନୂତନ ସଂସ୍କୃତି ଭବନ ନିର୍ମାଣ ନିମନ୍ତେ ସରକାରଙ୍କ ଅନୁମୋଦନ କ୍ରମେ ୫,୪୯,୯୫,୨୦୦ ଟଙ୍କା ର ବଜେଟ ରେ ସ୍ଥାନୀୟ ଆଇନ ମହାବିଦ୍ୟାଳୟ ଭବାନୀପାଟଣା ନିକଟରେ ନିର୍ମାଣ ହେବାକୁଥିବା ନୂତନ ସଂସ୍କୃତି ଭବନ ର ଭିତିପ୍ରସ୍ତର ସ୍ଥାପନ ଉତ୍ସବରେ ଆଜି ମୁଖ୍ୟ ଅତିଥି ଭାବେ ସୂର୍ଯ୍ୟ ବଂଶୀ ସୂରଜ, ମାନ୍ୟବର ମନ୍ତ୍ରୀ ଉଚ୍ଚ ଶିକ୍ଷା କ୍ରୀଡା ଓ ଯୁବ ସେବା ଏବଂ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଯୋଗଦେଇ ଏହାର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ନୂତନ ସରକାର ଆସିଲା ପରେ କଳାହାଣ୍ଡି ଜିଲ୍ଲାରେ ପ୍ରଥମ ସଂସ୍କୃତି ଭବନ ର ଶିଳାନ୍ୟାସ କାର୍ଯ୍ୟକ୍ରମ ରେ ମାନ୍ୟବର ମନ୍ତ୍ରୀ ଯୋଗଦେଇ କଳାହାଣ୍ଡି ର ଲୋପ ପାଇଯାଉଥିବା ନୃତ୍ୟ, କଳା, ସଙ୍ଗୀତ, ନାଟକ ଓ କଳାକାରଙ୍କର ବିକାଶ ଓ ଉନ୍ନତି ପାଇଁ ସରକାରଙ୍କ ପ୍ରଚେଷ୍ଟା ଜାରିରହିଛି ଏବଂ ଏଥିପାଇଁ କଲଚର୍ ପଲିସି ରେ ରଖାଯାଇଛି, ଲୋକଙ୍କର ସୁବିଧା ପାଇଁ ନୂତନ ନିର୍ମାଣ ହେବାକୁ ଥିବା ସଂସ୍କୃତି ଭବନ ରେ ଇ ଲାଇବ୍ରେରୀ ର ବ୍ୟବସ୍ଥା ରଖାଯାଇଛି ବୋଲି ମାନ୍ୟବର ମନ୍ତ୍ରୀ ସୂଚନା ଦେଇଥିଲେ । ଏବଂ ଜିଲ୍ଲା ର ଶିକ୍ଷା, ସାହିତ୍ୟ, ସଂସ୍କୃତି, କ୍ରୀଡା ଓ ଯୁବ ସେବା ର ବିକାଶ ଓ ଉନ୍ନତି ପାଇଁ ସରକାର ଗୁରୁତ୍ୱ ଦେଇ ଆବଶ୍ୟକ ସହାୟତା ଯୋଗାଇଦେବ ବୋଲି ପ୍ରକାଶ କରିଥିଲେ । ଜିଲାପାଳ ପାଓ୍ୱାର ସଚିନ ପ୍ରକାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମାଳବିକା ଦେବୀ ମାନ୍ୟବର ସାଂସଦ କଳାହାଣ୍ଡି,ମାନ୍ୟବର ସାଂସଦ ରାଜ୍ୟ ସଭା ସୁଜିତ କୁମାର, ମାନ୍ୟବର ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ ଥିଲେ । କଳାହାଣ୍ଡି ଉତ୍ସବ ଘୁମୁରା ର ଉଦଯାପନୀ ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିବା ସହିତ ସଂସ୍କୃତି ଭବନ ର ଶିଳାନ୍ୟାସ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିବାରୁ ମାନ୍ୟବର ମନ୍ତ୍ରୀ ଙ୍କୁ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ । କଳାହାଣ୍ଡି ର ଅଧିଷ୍ଠାତ୍ରୀ ଦେବୀ ମା ମାଣିକେଶ୍ୱରୀ ଙ୍କ ପ୍ରସିଦ୍ଧ ଛତର ଯାତ୍ରା କୁ ଅଧିକ ପ୍ରସାର ପ୍ରଚାର କରିବା ସହିତ ବିଶ୍ୱ ଦରବାରରେ କିପରି ପହଂଚିବ ସେଥିପାଇଁ ମାନ୍ୟବର ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ସଂସାଦ ମାଳବିକା ଦେବୀ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର ୱାନ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ପରେ ମାନ୍ୟବର ମନ୍ତ୍ରୀ ଶ୍ରୀ ସୂରଜ ଜିଲ୍ଲାପରିଷଦ କାର୍ଯ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ପ୍ରମୂଖ କ୍ରୀଡାବିତ୍, କଳାକାର, କଳକାର ସଂଘ ର କର୍ମକର୍ତା ମାନଙ୍କ ସହିତ ଆଲୋଚନା କରିଥିଲେ ଏଥିରେ କଳା, ସଂସ୍କୃତି ଓ କ୍ରୀଡ଼ା ର ବିକାଶ ଓ ଉନ୍ନତି ନିମନ୍ତେ ଆବଶ୍ୟକ ଭିତିଭୂମି, ସହାୟତା ପ୍ରଦାନ ନିମନ୍ତେ ମାନ୍ୟବର ମନ୍ତ୍ରୀ ଙ୍କର୍ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏଥିରେ ସାଂସଦ ମାଳବିକା ଦେବୀ, ବିଧାୟକ ଧର୍ମଗଡ ସୁଧୀର ରଞ୍ଜନ ପାଟଯୋଷୀ, ଜିଲ୍ଲାପାଳ ସଚିନ ପାଓ୍ୱାର ପ୍ରକାଶ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ,ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇ ଥିଲେ ।

## ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡ଼ା ବ୍ଲକ୍ ଓସ୍ତପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି । କେନ୍ଦ୍ରାପଡ଼ା ବ୍ଲକ୍ ବିଡିଓ ଅଭିଷେକ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ତାପସ ରଞ୍ଜନ ସିଂହ, ସମ୍ପାଦକ ପ୍ରେମାଞ୍ଜନ ସାହୁ, ଉପସଭାପତି କନକଲତା ସ୍ୱାଇଁ, ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ରାଉତ, ରବିନ୍ଦ୍ର ପଣ୍ଡା, ପ୍ରମୋଦ କୁମାର ରାଉତରାୟ,ଶରତ ଦାସ ଓ ବହୁ ସଂଖ୍ୟାରେ ଚାଷୀ ମାନେ ଉପସ୍ଥିତ ଥିଲେ ।

# କୋଟପାଡ଼ ବ୍ଲକ କାର୍ଯ୍ୟାଳୟଠାରେ ସମିତି ବୈଠକ ଅନୁଷ୍ଠିତ



କୋଟପାଡ଼: କୋଟପାଡ଼ ପଂଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ କୋଟପାଡ଼ ବ୍ଲକ ଅଧକ୍ଷା କମଳା ଭତରା ଅଧକ୍ଷତାରେ ବ୍ଲକ ସ୍ତରୀୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି,ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କୋଟପାଡ଼ ବିଧାୟକ ରୂପୁ ଭତରା,ସନ୍ମାନିତ ଅତିଥି ମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, ବିଧାୟକ ପ୍ରତିନିଧି ବିନାୟକ ଆଚାର୍ଯ୍ୟ,ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ବିକ୍ରମ ଦୋରା, ତହସିଲଦାର ନୀଳକଣ୍ଠ ନାଇଡୁ, ଉପାଦକ୍ଷ ତପନ ପାଣିଗ୍ରାହୀ,ଜିଲ୍ଲା ପରିଷଦ ତ୍ରିପତି ଚଲାଣ, ଗୀତା ମାଝୀ ପ୍ରମୁଖ ମଂଚ ଉପରେ ବିରାଜ ମାନ ଥିଲେ, ତତ ସହିତ ସମସ୍ତ ବିଭାଗୀୟ ଯଥା ଯୋଗାଣ ବିଭାଗ,ବନ ବିଭାଗ,ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ,କୃଷି ବିଭାଗ, ଶିଶୁ ବିଭାଗ ଶିକ୍ଷା ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିକାରୀ ଏବଂ ସମସ୍ତ ପଂଚାୟତର ସମିତି ସଭ୍ୟ ଓ ସମସ୍ତ ସରପଂଚ ମାନଙ୍କ ସହିତ ଭାରତ ମିଡ଼ିଆ ଆସସେସିୟନ ସଙ୍ଘର ସାମ୍ବାଦିକ ମାନେ ଉପସ୍ଥିତ ଥିଲେ,ଆଜିର ଏହି ବୈଠକରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୮୦ବର୍ଷ ରୁ ବାର୍ଦ୍ଧକ୍ୟ ଭତା ଯାହାକି ୩୫୦୦/- ଟଙ୍କା ପ୍ରାୟ ୧୫ ଜଣ ହିତାଧିକାରୀଙ୍କୁ ବିଧାୟକ ରୂପୁ ଭତରାଙ୍କ କର କମଳରେ ପ୍ରଦାନ କରାଯାଇଥିଲା, ସମସ୍ତ ବର୍ଦ୍ଧିତ ମାସିକ ଭତା ପାଇଥିବା ହିତାଧିକାରୀ ମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁୟସୀ ପ୍ରଶଂସା କରିଥିବାର ଦେଖିବାକୁ ମିଳିଥିଲା,ଆଜିର ଏହି ବୈଠକରେ ଉପସ୍ଥାପନା କରାଯାଇଥିବା ବିଶେଷ କରି କୋଟପାଡ଼ ଅଂଚଳର ଶିଶୁ ବିଭାଗ,ଲେମ୍ପସ,ଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ମାନଙ୍କ ସହିତ ବିସ୍ତୃତ ଭାବରେ ଆଲୋଚନା ହୋଇଥିଲା ଏବଂ ସମସ୍ତ ବିଭାଗର ଅଭିଯୋଗ ଗୁଡିକ ତଦନ୍ତ କରି ସମାଧାନ ଓ ପଦକ୍ଷେପ ନେବା ପାଇଁ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଖୁବ ଶୀଘ୍ର ରିପୋର୍ଟ ଦେବାପାଇଁ କହିଥିଲେ,ଆଜିର ଏହି କାର୍ଯ୍ୟକ୍ରମକୁ ବ୍ଲକର ଜିପିଓ ସୁଧାଂଶୁ ରଥ ପରିଚାଳନା କରିଥିଲେ, ପରିଶେଷରେ ବ୍ଲକ ଅଧକ୍ଷା କମଳା ଭତରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ବୈଠକକୁ ସାଙ୍ଗ କରିଥିଲେ ।

# ବେତନଟୀ ରେଞ୍ଜ ଅଧୀନ ପାଉଁଶିଆ ବଡ଼ଯଡ଼ ବନ୍ଧଠାରେ ବିଦେଶୀ ପକ୍ଷୀ ଗଣନା କାର୍ଯ୍ୟକ୍ରମ

ବଡ଼ସାହି :ବେତନଟୀ ରେଞ୍ଜ କାର୍ଯ୍ୟାଳୟ ତରଫରୁ ବେତନଟୀ ଥାନା ଅଧୀନ ବଡ଼ଯଡ଼, ଆମ୍ରଯୋଡ଼ା, ଶୁଖିଲାହାର, ଦାନ୍ତିଆଁମୁହାଁ, ସାରିଆବନ୍ଧ, ବାଉଁଶନଦୀ ଗ୍ରାମ ନିକଟବର୍ତୀ ଅଂଚଳ ରେ ବନାଂଚଳ ଅଧିକାରୀ ମୋନହୋର ଖାଁ ଙ୍କ ନେତୃତ୍ୱ ରେ ମୟୁରଭଞ୍ଜ ଜିଲ୍ଲା ବିଭିନ୍ନ ଅଂଚଳ ର ବନପାଳ ତଥା ରବିନାରାୟଣ ମହାନ୍ତି, ପ୍ରଶାନ୍ତ ସିଂ, ଚିନ୍ତାମଣି ମହାପାତ୍ର, ଦୀପକ କୁମାର ପାତ୍ର, ନିହାର ରଞ୍ଜନ ସାମଲ, ରତିକାନ୍ତ ବେଉରା, ଓ ଗଜ ସାଥୀ ଉପସ୍ଥିତ ରହି ଶନିବାର ବ୍ଦେଶୀ ପକ୍ଷୀ ମାନଙ୍କର ଗତିବିଧି କୁ ଅନୁଧ୍ୟାନ କରିବା ସହିତ ଗଣନା କରିବା ସହିତ ବିଦେଶୀ ପକ୍ଷୀ ମାନଙ୍କର ସୁରକ୍ଷା ବାବଦରେ ସ୍ଥାନୀୟ ଗ୍ରାମବାସୀ ମାନଙ୍କ ସହିତ ଆଲୋଚନା କରିଥିଲେ । ତେବେ ଏହି କାର୍ଯ୍ୟକ୍ରମ କିଛିଦିନ ଚାଲୁ ରହିବାର ଅଛି ବୋଲି ସୂଚନା ମିଳିଛି ।

## ସମ୍ପାଦକୀୟ

# ବିରଳ କୂଟନୈତିକ .....

ବାଜପେୟୀ ଓ ମୋଦୀଙ୍କ ନେତୃତ୍ୱରେ ଭାରତର ପରମାଣୁ ଶକ୍ତି ଓ ସାମର୍ଥ୍ୟ ଯେଉଁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦିଗକୁ ସୂଚିତ କରୁଛି ତାହାର ତର୍ଜମା କରିବା ସମୟ ଏବେ ଉପସ୍ଥିତ । ଦୁଇ ବଳିଷ୍ଠ ନେତୃତ୍ୱର ୨୬ ବର୍ଷ ବ୍ୟବଧାନରେ ଆମେ କଟକଣାମୁକ୍ତ ପାରମାଣବିକ ଶକ୍ତିରୂପେ ସମଗ୍ର ବିଶ୍ୱରେ ନିଜକୁ ଉପସ୍ଥାପିତ କରିପାରିଛୁ । ଏହା କିଛି କମ୍ ଅନୁଭବ ନୁହେଁ । ବିଶ୍ୱବାସୀଙ୍କୁ ଚମକାଇ ଦେବା ଭଳି କଠୋର ନିଷ୍ପତି ବାଜପେୟୀ ଗ୍ରହଣ କରିଥିବା ବେଳେ ତାହା ଉପରେ ମୋଦୀ କୂଟନୈତିକ ସଫଳତା ହାସଲ କରିଛନ୍ତି; ଅଥଚ ଭାରତ ସହ ଶତ୍ରୁତା ଆଚରଣ କରି ଆସୁଥିବା ପାକିସ୍ତାନ ଦିନକୁ ଦିନ ଅଧିକ କଟକଣାର ସମ୍ମୁଖୀନ ହୋଇଚାଲିଛି । ଆତଙ୍କବାଦର ଅନ୍ତୁଡ଼ିଶାଳ କୁହାଯାଉଥିବା ପାକସ୍ତାନ ଯେ ଆମେରିକାର ଭରସାଯୋଗ୍ୟ ସାଥୀ ନୁହେଁ, ତାହା ପ୍ରମାଣିତ ହୋଇଛି । ଅନ୍ୟପକ୍ଷରେ ସମ୍ପର୍କର ତ୍ରିଭୂଜରେ ଭାରତ ଦୁଇ ପରସ୍ପର ବିରୋଧୀ ଶକ୍ତି ରୁଷିଆ ଓ ଆମେରିକାକୁ ସ୍ଥାନ ଦେଇ କୂଟନୈତିକ ସ୍ତରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଛି । ଭାରତୀୟ କ୍ଷମତା ରାଜନୀତିରେ ବିଜେପିର ପ୍ରଥମ ନେତୃତ୍ୱ ନେଇଥିଲେ ଅଟଳବିହାରୀ ବାଜପେୟୀ । ସୀମିତ ସମୟର ସରକାର ହେଲେ ମଧ୍ୟ ୧୯୯୮ ମେ ମାସରେ ରାଜସ୍ଥାନର ପୋଖରାନଠାରେ ସଫଳ ପରମାଣୁ ପରୀକ୍ଷା କରାଇ ସେ ବିଶ୍ୱବାସୀଙ୍କୁ ଚକିତ କରିଥିଲେ । ସେ ସମୟର ସମସ୍ତ ପରମାଣୁ ଶକ୍ତିସମ୍ପନ୍ନ ରାଷ୍ଟ୍ର ଭାରତ ବିରୋଧରେ କଟକଣା ଲଗାଇ ଯେଉଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଥିଲେ ତାହାର ଉଚିତ ମୁକାବିଲା କରିଥିଲେ ବାଜପେୟୀ । ତଥାପି ମହାକାଶ ଓ ବେସାମରିକ ପରମାଣୁ ଶକ୍ତି କ୍ଷେତ୍ରରେ ଦେଶର ଅଗ୍ରଗତି ବାଧାପ୍ରାପ୍ତ ହୋଇଥିଲା । ଏଠାରେ ଆମେ ଆଉ ଜଣକ ସଫଳ ନେତୃତ୍ୱ ସମ୍ପର୍କରେ ଉଲ୍ଲେଖ ନ କଲେ ଏ କ୍ଷେତ୍ରରେ ଭାରତ ହାସଲ କରିଥିବା ପ୍ରଗତିର ପ୍ରକୃତ ଚିତ୍ର ଉପସ୍ଥାପନ କରିପାରିବା ନାହିଁ । ସେ ହେଲେ ଡ. ମନମୋହନ ସିଂହ । ବହୁଦଳୀୟ ୟୁପିଏ ସରକାରରେ ସହଯୋଗୀଙ୍କ ପ୍ରତିବାଦ ସତ୍ୱେ ସେ ଆମେରିକା ସହ ବେସାମରିକ ଆଣବିକ ଚୁକ୍ତି ସ୍ୱାକ୍ଷର କରିଥିଲେ । ସେତେବେଳେ ପରିସ୍ଥିତି ଏପରି ହେଲା ଯେ, ବାମଦଳ ମେଂଟ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଥିଲା । ଏହାସତ୍ୱେ ସଫଳ ରାଜନୈତିକ ଗୋଟିଚାଳନା ମାଧ୍ୟମରେ ମନମୋହନଙ୍କ ସରକାର କ୍ଷମତାରେ ତିଷ୍ଠି ରହିଥିଲା । ଭାରତ ବିରୋଧରେ ବାଜପେୟୀଙ୍କ ସମୟରେ ଜାରି ରହିଥିବା ବୈଶ୍ୱିକ କଟକଣା ମନମୋହନଙ୍କ ଅମଳରେ ଅନେକାଂଶରେ ପ୍ରତ୍ୟାହୃତ ହୋଇଥିଲେ ହେଁ ଆମେରିକାର କଟକଣା ଜାରି ରହିଥିଲା । ତେଣୁ ଆମକୁ ଏଠାରେ କହିବାକୁ ହେବ ଯେ, ବାଜପେୟୀ ଆରମ୍ଭ କରିଥିବା କାର୍ଯ୍ୟକ୍ରମରେ ମୋଦୀଙ୍କ ନେତୃତ୍ୱ ହିଁ ପୂର୍ଣ୍ଣଚ୍ଛେଦ ଟାଣିଛି । ଏହାକୁ ଭାରତର ଏକ ବିରଳ କୂଟନୈତିକ ସଫଳତା କୁହାଯାଇପାରେ । ବାଇଡେନ ନେତୃତ୍ୱର ଶେଷ ପାହାଚରେ ଠିଆହୋଇ ଏଭଳି ଏକ ଉଲ୍ଲେଖନୀୟ ପଦକ୍ଷେପ ନେବେ କେହି ଆଶା କରି ନ ଥିଲେ । ଭାରତ ସହିତ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟ ରଖି ସେ ତାଙ୍କ ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନଙ୍କୁ ନୂଆଦିଲ୍ଲୀ ଗସ୍ତରେ ପଠାଇଥିଲେ । ତାଙ୍କରି ଏହି ଗସ୍ତବେଳେ ପରମାଣୁ ପ୍ରସଙ୍ଗ ସମେତ ବିଭିନ୍ନ ଦ୍ୱିପାକ୍ଷିକ, ଆଂଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗଗୁଡ଼ିକ ଆଲୋଚନା ପରିସରକୁ ଆସିଥିଲା । ମନମୋହନ ସରକାରଙ୍କ ଅମଳରେ ଆମେରିକା ସହିତ ଆଣବିକ ଶକ୍ତି ଚୁକ୍ତି ପରେ ମଧ୍ୟ ଭାରତର କେତେକ ରିଆକ୍ଟର, ପରମାଣୁ ଶକ୍ତି କେନ୍ଦ୍ର ଓ ଆଣବିକ ଶକ୍ତି ବିଭାଗର ୟୁନିଟଗୁଡ଼ିକ କଟକଣାମୁକ୍ତ ହୋଇ ନ ଥିଲା । ଏବେ ସେହି କଟକଣା ଆମେରିକା ହଟାଇବା ସହ ତାହାର କାର୍ଯ୍ୟାନ୍ୱୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ଆମେରିକା ଘୋଷଣା କରିଛି । ଏଠାରେ ଉଲ୍ଲେଖ କରାଯାଇପାରେ କି ବାଜପେୟୀଙ୍କ ନେତୃତ୍ୱରେ ପରମାଣୁ ପରୀକ୍ଷା କରାଯିବା ପରେ ପରେ ପଡ଼ୋଶୀ ପାକିସ୍ତାନ ମଧ୍ୟ ଚୀନ ଓ ଉତରକୋରିଆ ସହାୟତାରେ ଅନୁରୂପ ପରୀକ୍ଷା କରିଥିଲା । ଉଭୟ ରାଷ୍ଟ୍ର ବିଶ୍ୱ କଟକଣା କୋହଳ ଓ ପ୍ରତ୍ୟାହାରର ପଥ ପରିଷ୍କାର କରିଥିଲେ ହେଁ ଏ କ୍ଷେତ୍ରରେ ବିଫଳ ହୋଇଛି ପାକିସ୍ତାନ । ଏବେ ମଧ୍ୟ ତାହାର ପରମାଣୁ କଂପାନୀ ଉପରେ ଆମେରିକାର ନିଷେଧାଦେଶ ଜାରି ରହିଛି । କୂଟନୈତିକ ସ୍ତରରେ ଭାରତର ସଫଳ ଗୋଟିଚାଳନା ଯୋଗୁଁ ପାକିସ୍ତାନ ସହ ଥିବା ଆମେରିକାର ସମ୍ପର୍କରେ କ୍ରମାଗତ ଅବନତି ଘଟିଚାଲିଛି । ଏକଥା ସତ ଯେ ଏ ପର୍ଯ୍ୟନ୍ତ ବଳବତର ରହିଥିବା ସୀମିତ କଟକଣା ଯୋଗୁଁ ୨୦୨୦ ସୁଦ୍ଧା ଭାରତ ୨୦ ହଜାର ମେଗାୱାଟ ପରମାଣୁ ଶକ୍ତି ଉତ୍ପାଦନ ସକାଶେ ରଖିଥିବା ଲକ୍ଷ୍ୟ ପୂରଣ ହୋଇପାରିନାହିଁ । ଲକ୍ଷ୍ୟ ହାସଲ ପାଇଁ ଆମକୁ ୨୦୩୦ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ଏ କଥା ସ୍ୱୀକାର୍ଯ୍ୟ ଯେ ଟ୍ରମ୍ପଙ୍କ ସହ ଉତମ ବନ୍ଧୁତା ସତ୍ୱେ ବାଇଡେନଙ୍କ ଶାସନ କାଳରେ ଭାରତ ଅଧିକରୁ ଅଧିକ ସୁବିଧା ସୁଯୋଗ ହାସଲ କରିଛି । ମହାକାଶ ଓ ବେସାମରିକ ପରମାଣୁ ଶକ୍ତି କ୍ଷେତ୍ରରେ ସହଯୋଗିତା ଏବଂ ଭାରତୀୟ ପରମାଣୁ କେନ୍ଦ୍ରଗୁଡ଼ିକୁ କଟକଣାମୁକ୍ତ କରିବା, ସର୍ବୋପରି କ୍ଷେପଣାସ୍ତ୍ର ପ୍ରଯୁକ୍ତିବିଦ୍ୟା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ପାରଦର୍ଶିତା ହାସଲ କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର ହୋଇଛି । ସେମିକଂଟକ୍ଟର ଉତ୍ପାଦନ ଓ କୃତ୍ରିମ ବୁଦ୍ଧିମତା (ଏଆଇ)ର ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆମେରିକାର ସହଯୋଗ ହାସଲ କରିଛି ଭାରତ ।

# ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ବିଷୟରେ ପଢ଼େ...

ଜୀବନଯାତ୍ରାରେ ସେ ଜଣେ ନିସଙ୍ଗ, ନିର୍ଭୀକ ଓ ନିଷ୍ଠାବାନ ପଦାତିକ , ଏଥିରେ ସନ୍ଦେହ ନାହିଁ ।

ଆଦ୍ୟ ଜୀବନରେ ସଫଳତା ପରେ ନିର୍ବାଚନରେ ଅସଫଳ ସମୟରେ ନିଜ ଦୁଇ ଯୁବକ - ପୁଅଙ୍କୁ ହରାଇଲେ । ତା ପରେ ସ୍ୱାମୀଙ୍କ ମୃତ୍ୟୁ । ଆର୍ଥିକ, ସାମାଜିକ ଓ ପାରିବାରିକ ସ୍ତରରେ ବ୍ୟାପକ କ୍ଷତି । ଚାଲିଗଲେ ଅବସାଦ (ଡିପ୍ରେଶନ)କୁ ।

କିନ୍ତୁ ହାର୍ ମାନିବା ତାଙ୍କ ପାଇଁ ଥିଲା ଅସମ୍ଭବ । ରାଜନୀତି ଛାଡ଼ି ସମାଜ ସେବା କ୍ଷେତ୍ରରେ ମନ ଦେଲେ । ଆଧ୍ୟାତ୍ମିକ ସଙ୍ଗଠନରେ କାମ କରି ସମାଜର ଶୋଷିତ ଶ୍ରେଣୀର ଉତଥାନ ପାଇଁ ପ୍ରୟାସରତ ହେଲେ ଦଶନ୍ଧି ଧରି ।

ପୁନଶ୍ଚ ପାର୍ଟି ତାଙ୍କୁ ବିଶ୍ୱାସକୁ ନେଇ ଗୁରୁଦାୟିତ୍ୱ ଅର୍ପଣ କଲା ରାଜ୍ୟପାଳଭାବେ । ଦେଶର ପ୍ରଥମ ଆଦିବାସୀ ମହିଳା ରାଜ୍ୟପାଳ ଭାବରେ ଗୌରବ ଲାଭ କଲେ । ଝାଡ଼ଖଣ୍ଡର ପ୍ରଥମ ରାଜ୍ୟପାଳ ହେଲେ, ଯିଏ ୫ବର୍ଷ ପୂରଣ କଲେ । କହିବାର ବାହୁଲ୍ୟ ଝାଡ଼ଖଣ୍ଡ ଲୋକେ ଏବେ ବି ଝୁରୁଛନ୍ତି ।

ଝିଅଟିଏ, ନିପଟ ସାନ୍ତାଳୀ ପରିବାରରୁ ଆସି ରମାଦେବୀ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ସ୍ନାତକ ଲାଭ କରି ଶିକ୍ଷୟିତ୍ରୀ ଭାବରେ ଆତ୍ମନିର୍ଭରଶୀଳ ହେବା, ତାହା ପୁଣି ତିରିଶ ବର୍ଷ ତଳେ; ଏକ ଛୋଟ ଘଟଣା ନୁହେଁ ।

ରାଇରଙ୍ଗପୁର ପୌରପରିଷଦର କାଉନସିଲର ପଦରୁ ରାଇସିନା ହିଲ୍ସର ସର୍ବୋଚ୍ଚ ପଦବୀ - ଏହି ଜୀବନ ଯାତ୍ରା କେବଳ ଭାରତ ନୁହେଁ ; ସମଗ୍ର ବିଶ୍ୱ ସମୁଦାୟରେ ସ୍ୱପ୍ନଭୁକ୍ ତମାମ୍ ଝିଅମାନଙ୍କୁ ପ୍ରେରିତ କରିବ ଏଥିରେ ସନ୍ଦେହ ନାହିଁ । ଆଦିବାସୀ ଝିଅଟିଏ ଝୁଣା, ଲାଖ ଭିତରେ ନିଜ ଜୀବନ ଏବେ ସାରିବ ନାହିଁ, ତିନି ସେନାର କମାଣ୍ଡିଂ ଅଥରିଟି ହେଇ ପାରିବ ; ମହିଳା ସଶକ୍ତିକରଣର ଏହାଠାରୁ ଆଉ ଭଲ ଉଦାହରଣ ଆଉ କଣ ହୋଇପାରେ !

ପୂର୍ବରୁ ପଦ୍ମ ପୁରସ୍କାର, ଲୁଟ୍ୟେନ୍ସ ଦିଲ୍ଲୀର ଲବି ଉପରେ ନିର୍ଭର କରୁଥିଲା ବେଳେ ଏବେ ତାହା ପିପଲ୍ସ ପଦ୍ମ ଭାବରେ ପରିଣତ ହୋଇଛି । ଠିକ୍ ସେହିପରି ସେ ନିଶ୍ଚୟ ଭାବରେ ପିପଲ୍ସ ପ୍ରେସିଡେଂଟ ଭାବରେ ଆଗାମୀ ଦିନରେ ପରିଗଣିତ ହେବେ, ଆଶା ଓ ବିଶ୍ୱାସ । ବିଶ୍ୱ ସମୁଦାୟ ଯଦି ଓବାମାଙ୍କୁ ଈକ୍ଷବମଳ ଗବଭ ସଭ ତଷସସ୍ବର ଐକ୍ଟଙ୍କସ୍ବର ପଦବାଚ୍ୟ କରି ନୋବେଲ ଶାନ୍ତି ପ୍ରଦାନ କଲେ, ତେବେ ଭାରତୀୟମାନେ ଜଣେ ଅଭିଜ୍ଞ ଆଦିବାସୀ ମହିଳାଙ୍କୁ ପ୍ରଥମ ନାଗରିକ ଭାବରେ ସମ୍ମାନ ଦେଇ ଇତିହାସ ସୃଷ୍ଟି କରିବାର ବେଳକୁ କରଛଡା କରିବା ଅନୁଚିତ୍ ।

ଜୟ ଜଗନ୍ନାଥ..

ବନ୍ଦେ ଉତ୍କଳ ଜନନୀ...

# କମ୍ବୁ-କଟକରେ କୋଟି ବ୍ରହ୍ମାଣ୍ଡ ନାୟକ





ପୁରୀ ର ଅନ୍ୟନାମ ହେଉଛି କମ୍ବୁ -କଟକ ବା ଶଙ୍ଖକ୍ଷେତ୍ର । ଏହାର ଚତୁର୍ଦ୍ଦିଗଃ ହେଉଛନ୍ତି ଧର୍ମ,ଅର୍ଥ,କାମ,ମୋକ୍ଷ । ଏହି କମ୍ବୁ-କଟକ ର ରାଜା ହେଉଛନ୍ତି ଜଗନ୍ନାଥ ସେ ପ୍ରଜା ବତ୍ସଳ ରାଜା ଭାବରେ ବ୍ରାହ୍ମଣ, ବୈଶ୍ୟ, କ୍ଷେତ୍ରୀୟ,ଶୁଦ୍ର ସମସ୍ତଙ୍କୁ ସମାନ ଭାବରେ ଧର୍ମ,ଅର୍ଥ,କାମ,ମୋକ୍ଷ ବାଂଟିବାରେ ସେ ସିଦ୍ଧହସ୍ତ ଅଟନ୍ତି ।

ଶାସ୍ତ୍ରରେ କୁହାଯାଇଛି, ସବୁ କ୍ଷେତ୍ର ମଧ୍ୟରେ ରାଜା ହେଉଛି 'ପୁରୁଷୋତମ' କ୍ଷେତ୍ର ବା ପୁରୀ । ପୁଣି କୁହାଯାଇଛି, ସବୁ ଦେବତାଙ୍କ ମଧ୍ୟରେ ରାଜା ହେଉଛନ୍ତି 'ପୁରୁଷୋତମ' ବା ଶ୍ରୀଜଗନ୍ନାଥ । ଏହା ଅଣସର ସମୟର ଏକ ନୀତିରୁ ମଧ୍ୟ ସ୍ପଷ୍ଟ ଭାବେ ପ୍ରତିପାଦିତ ହୁଏ ।

ଭାରତବର୍ଷରେ ଅନେକ କ୍ଷେତ୍ର ଅଛି କିନ୍ତୁ କମ୍ବୁ-କଟକ (ପୁରୀ) ପରି କୌଣସି କ୍ଷେତ୍ର ନାହିଁ । ଯେଉଁଠାରେ କଳ୍ପ କାଳରୁ ବିଜୟମାନ କରିଛନ୍ତି ସ୍ୱୟଂ ଦାରୁ ବ୍ରହ୍ମ ରୂପଧାରୀ ରାଜଧିରାଜ କମ୍ବୁ-କଟକ ରାଜକୁମାର । ସମଗ୍ର ବ୍ରହ୍ମାଣ୍ଡରେ ଏକ ମାତ୍ର ଗୋଟିଏ କ୍ଷେତ୍ର ଯେଉଁଠାରେ ଭଗବାନ ଙ୍କ ବ୍ରହ୍ମ ପରିବର୍ତନ ହୁଏ ।

ରୂପରାଜ

ତାଙ୍କରି ରୂପ ବର୍ଣ୍ଣନା କରିବା ଅସମ୍ଭବ ଅଟେ । ଐଶ୍ୱର୍ଯ୍ୟ ଅପରୂପ ଅକଳ୍ପନୀୟ ରୂପ ତାଙ୍କରି । ରୂପ ଦୃଷ୍ଟିରେ ଦେଖିଲେ କୋଟିଏ ଇନ୍ଦ୍ର ରେ ଗୋଟିଏ କର୍ନ୍ଦପ , କୋଟିଏ କର୍ନ୍ଦପ ରେ ଗୋଟିଏ ଦାରୁବ୍ରହ୍ମ ରୂପରେ ରୂପଦେବ କର୍ନ୍ଦପ ଠାରୁ ଅଧିକ ସୁନ୍ଦର ହୋଇଥିବା ହେତୁ ରୂପରାଜା ଭାବରେ ମଧ୍ୟ ସେ ପରିଚିତ ।

କ୍ଷେତ୍ରରାଜ-

ସିନ୍ଧୁତଟେ ଶ୍ରୀପୁରୁଷୋତମ କ୍ଷେତ୍ରରାଜ ।
ସାଧୁଜନେ ! ଅଛି ତହିଁ ବହୁତ ଆଶ୍ଚର୍ଯ୍ୟ ହେ ।
ସେ ଭୂମି ପ୍ରବେଶେ ବ୍ରହ୍ମହତ୍ୟା ପାପହରେ ।
ସାକ୍ଷାତ ହୋଇଛି ଏ କପାଳ ମୋଚନରେ ହେ ।
ସେ ହୁଏ ଚତୁରଭୁଜ ସେ ଯେ କ୍ଷେତ୍ରେ ରହି ।
ସାକ୍ଷୀ ଏ କଥାକୁଟି ଅଜ୍ଞାନ କାକ ତହିଁ । (ଉପେନ୍ଦ୍ରଭଞ୍ଜ)

ଏହି କ୍ଷେତ୍ର ସମସ୍ତଙ୍କ କ୍ଷେତ୍ର ଉପରେ ରାଜା କହିଲେ ଅତୁଳ୍ୟ ହେବ କାରଣ ସ୍ୱୟଂ ଦେବାଧି ଦେବ ମହାଦେବ ବ୍ରହ୍ମହତ୍ୟା ଦୋଷ ର ପ୍ରାୟଶ୍ଚିତ ପାଇଁ ଏହି କ୍ଷେତ୍ରକୁ ଆସିଛନ୍ତି । ଏହି କ୍ଷେତ୍ରରେ ଥରେ ଯାହାର ଡୋରି ଲାଗିଛି ଅଜ୍ଞାନ ରୂପକ ଭୀଷଣ କାଳୀ ସର୍ପ ଦଂଶନରେ ର୍ଜଜୀତ ହୋଇଥିବା ଲଲୋକ ମଧ୍ୟ ଅମୃତ ରୂପକ ଜ୍ଞାନର ଆଲୋକ ପାଇଥାଏ ।

ପ୍ରସାଦରାଜ-

ଶ୍ରୀ ମହାପ୍ରସାଦ ଗଦ ପଦ ଘଂଟଘୋଷ
ଭକ୍ଷଣେ ପ୍ରବଣେ ଯେ କଳବିଶ ନାଶ ହେ
ଉନ୍ନତ ପ୍ରସାଦରାଜ ପତକା ଉଡାଇ
ଏ ପ୍ରଦେଶେ ସମବର୍ତୀ ପଣ ନାହିଁ ହେ ନାହିଁ (ଉପେନ୍ଦ୍ରଭଞ୍ଜ)

ଅର୍ଥାତ ସାପ ବିଷ ଛଡାଇବା ପାଇଁ ଗୁଣିଆ ଗଦ ଖୁଆଇଥାଏ ଏବଂ ମନ୍ତ୍ରର ପଦ ଉଛାରଣ କରିଥାଏ । ପୁରୀ ର ମହାପ୍ରସାଦ ଗଦ ସ୍ୱରୂପ ଏବଂ ସ୍ୱାଦ ମନ୍ତ୍ର ସ୍ୱଦୃଷ୍ୟ ମହାପ୍ରସାଦ ସେବନ ରେ ପାପ ନଷ୍ଟ ହୋଇଯାଏ । ଯେଉଁ ପ୍ରସାଦ ପାଇଁ ସ୍ୱୟଂ ଗଙ୍ଗା, ଯମୁନା କମ୍ବୁ କଟକରେ କୋଟି ବ୍ରହ୍ମାଣ୍ଡ ନାୟକ ରାଜ ଦରବାରରେ କୂଅ ରୂପରେ ବସତି ସ୍ଥାପନ କରିଛନ୍ତି ଏବଂ ଅମୃତ ସମାନ ନିଜ ଜଳକୁ ମହାପ୍ରସାଦ ନିମନ୍ତେ ସମ୍ରପି ଦେଉଛନ୍ତି । ବ୍ରହ୍ମାଣ୍ଡ ରେ ସବୁଠାରୁ ଅଧିକ ପ୍ରସାଦ ଗ୍ରହଣ କରୁଥିବା ସ୍ୱୟଂ ଦାରୁବ୍ରହ୍ମ ଧାରୀ କୋଟି ବ୍ରହ୍ମାଣ୍ଡ ନାୟକ ।

ବଟରାଜା-

ଚାରଟି ବେଦର ସମଷ୍ଟିରେ ବଟବରାଜା ବା କଳ୍ପବଟ ର ସୃଷ୍ଟି । ବେଦ ମତରେ ଲୋକେ ଯଜ୍ଞରେ ବଳିଦାନ ଦ୍ୱାରା ପୂଣ୍ୟଫଳ ମିଳିଥାଏ କିନ୍ତୁ କମ୍ବୁ-କଟକ ରେ ଅହରହ ଜଳୁଥିବା ବଟରାଜ ମୂଳେ ପାପ ରୂପ କ ପଶୁ କୁ ନାଶ କଲେ ମନୁଷ୍ୟ ର ଦିବ୍ୟ ଚେତନା ଜାଗ୍ରତ ହୁଏ ।

ଶଙ୍ଖକ୍ଷେତ୍ର ଶ୍ରୀ କ୍ଷେତ୍ର ରେ କଳ୍ପବଟ
ଚକ୍ରକ୍ଷେତ୍ର ଏକାମ୍ରରେ ଅନନ୍ତବଟ
ଗଦାକ୍ଷେତ୍ର ଯାଜପୁର ରେ ବିରଜାବଟ
ପଦ୍ମକ୍ଷେତ୍ର କୋଣାର୍କରେ ଅର୍କବଟ ।

ଭାରତ ବର୍ଷରେ ଅନେକ କ୍ଷେତ୍ର ଅଛି କିନ୍ତୁ ଶ୍ରୀକ୍ଷେତ୍ର କୁ କ୍ଷେତ୍ରରାଜ ରୂପେ ଗ୍ରହଣ କରାଯାଏ ଠିକ୍ ସେହିପରି ଉତ୍କଳ ଚକ୍ରକ୍ଷେତ୍ର । ( ଅନନ୍ତବଟ), ଗଦାକ୍ଷେତ୍ର(ବିରଜାବଟ),ପଦ୍ମକ୍ଷେତ୍ର ଏହି ସମସ୍ତ ବଟ ମଧ୍ୟରେ ଶଙ୍ଖକ୍ଷେତ୍ର ର (କଳ୍ପବଟ) କୁ ବଟରାଜ ବୋଲି ନାମିତ ଅଛି । ପକ୍ଷୀରାଜ- ପକ୍ଷୀମାନଙ୍କ ମଧ୍ୟରେ ଗରୁଡ ହେଉଛନ୍ତି ସ୍ୱାମୀ । ଗରୁଡ ନିଜେ କମ୍ବୁ-କଟକ କୋଟି ବ୍ରହ୍ମାଣ୍ଡ ନିକଟରେ ନିଜକୁ ସମ୍ରପି ଦେଇଛନ୍ତି ଏବଂ ହାତ ଯୋଡି ପ୍ରାର୍ଥନା କରୁଛନ୍ତି । ଜଗନ୍ନାଥ ଙ୍କୁ ପକ୍ଷୀରାଜ ମଧ୍ୟ କୁହାଯାଏ ।

**ପବିତ୍ର ବେହେରା**
ବାହାଲପୁର, ଗଞ୍ଜାମ
ଦୂରଭାଷ-୭୭୮୮୮୮୬୬୦୨

# ସମସ୍ତଙ୍କ ଭଲରେ ହିଁ ଆମର ଭଲ

ଏ ପୃଥିବୀରେ ପ୍ରତ୍ୟେକ ପ୍ରାଣୀ ଓ ଜୀବଙ୍କ ମଧ୍ୟରେ ଥିବା ଉତମ ସହବସ୍ଥାନ ଓ ପରିବେଶରେ ଥିବା ସନ୍ତୁଳନତା ଯୋଗୁଁ ଏହି ଜୀବଜଗତ ତିଷ୍ଠି ରହିଛି । କାରଣ ଆମର ଏ ଜୀବସତା ଏହି ତତ୍ୱରେ ହିଁ ନିହିତ । ଯଥାର୍ଥରେ କହିବା ଯେ, ଏ ସଂସାରରେ ସବୁ ଜିନିଷକୁ ( ସୁଖ ,ଦୁଃଖ, ହସ ,କାନ୍ଦ, ଲୁହ ,ଭଲ ମନ୍ଦ , ପରୋପକାର, ସହଯୋଗ ) ନେଇ ଚାଲିବାକୁ ହୁଏ । ଜଣେ କେବେହେଲେ ଏକା କୌଣସି କାମ କରିବା ବା ଏକା ଏକା କୌଣସି କାର୍ଯ୍ୟ ସାଧିତ କରିବା ସମ୍ଭବପର ହୋଇ ନଥାଏ । ଏହା ହିଁ ହେଉଛି ସୃଷ୍ଟିର ନିୟମ । ଆମକୁ ଯେକୌଣସି କାମ କରିବାକୁ ହେଲେ ସମସ୍ତଙ୍କ ମତ ଓ ସଙ୍ଗ ନିହାତି ଜରୁରୀ । ଏହା ହିଁ ଆମକୁ ଶିଖାଇ ଥାଏ ଆମର ସୃଷ୍ଟି ଚକ୍ର । କୋଟିଏରେ ଗୋଟିଏ ହିଁ ଆମରମୂଳ ମନ୍ତ୍ର ହେବା ଉଚିତ୍ । ଆମକୁ ଏ ସମାଜରେ ସମସ୍ତଙ୍କ ସହ ଉତମ ସଂପର୍କ ରଖି ସମସ୍ତଙ୍କର ମଙ୍ଗଳ କାମନା କରିବା ଉଚିତ୍ । କାରଣ ସମସ୍ତଙ୍କ ଭଲରେ ହିଁ ଆମର ଭଲ ରହିଛି । ଅନ୍ୟର ଖୁସିରେ ହିଁ ଆମର ଖୁସି ଲୁଚି ରହିଥାଏ ।

ଏକଥା ଜଣେ ଗୁରୁ ତାଙ୍କର ଶିଷ୍ୟମାନଙ୍କୁ କହୁଥିଲେ । ଶିଷ୍ୟମାନେ ଜୀବନ ଜିଜ୍ଞାସାର ପାଠ ପଢୁ ଥିଲେ । ଗୁରୁ ତାଙ୍କର ପ୍ରତି ପ୍ରଶ୍ନକୁ ଖୁବ୍ ସରଳ ଭାଷାରେ ଉଦାହରଣ ଦେଇ ସମାଧାନ କରୁଥିଲେ । ଥରେ ଜଣେ ଦିବ୍ୟ ସାଧୁ ଜଣେ ଲୋକର ଘରେ ଆଶ୍ରୟ ନେଲେ । ସେଦିନ ଥିଲା ଗ୍ରୀଷ୍ମର ପ୍ରଚଣ୍ଡ ଖରା ସମୟ । ଲୋକଟି ଦିବ୍ୟ ସାଧୁଙ୍କୁ ସୁନ୍ଦର ଆତିଥ୍ୟେୟ ପ୍ରଦାନ କଲା । ଖୁବ୍ ଅଲୌକିକ ଶକ୍ତିର ଅଧିକାରୀ ଥିଲେ ସେହି ଦିବ୍ୟ ସାଧୁ ଜଣଙ୍କ ଘରୁ ପ୍ରସ୍ଥାନ ସମୟରେ ଲୋକଟିକୁ କିଛି ମାଗିବାକୁ କହିଲେ । କହିଲେ , ମୁଁ ଜାଣି ପାରୁଛି ଯେ, ତମେ ବହୁତ ସମସ୍ୟାର ଅଛ, । ଏଣୁ ମୋତେ ଯାହା ମାଗୁଛ ମାଗ , ମୁଁ ତୁମର ମନସ୍କାମନା ପୂରଣ କରିବାର ପ୍ରତିଶ୍ରୁତି ଦେଉଛି । କିନ୍ତୁ ଥରୁଟିଏ ମାଗିବ । ଦ୍ୱିତୀୟ ଥର ମାଗିଲେ ଆଉ ଦେଇ ପାରିବିନି । ଆଉ ଯାହା ପ୍ରଥମେ ମାଗି ଥିବ ତାହା ବି ନିଷ୍ଫଳ ହୋଇଯିବ । ଆଉ ପ୍ରାପ୍ତ କରି ପାରିବ ନାହିଁ । କାରଣ ମୋ ପାଖରେ କେବଳ ଗୋଟିଏ ଲୋକକୁ ବର ଦେବାର ଅଛି । ଲୋକଟି ଖୁବ୍ ଖୁସି ହୋଇ ଗଲା । ଏକଥା ପାଖରେ ଥିବା ତାର ପତ୍ନୀ ଶୁଣି ଆନନ୍ଦରେ ଗଦଗଦ୍ ହୋଇଗଲା । ସ୍ୱାମୀଙ୍କୁ ପାଖକୁ ଡ଼ାକି କହିଲା – ଦେଖ ଆମ ପାଖରେ ଗୋଟିଏ ହିଁ ସୁଯୋଗ ଅଛି, ତମେ ଯେତେ ପାରୁଛ, ଧନରତ୍ନ ସବୁ ମାଗି ଦିଅ । ଆମର ଆଉ କିଛି ଅସୁବିଧା ହେବ ନାହିଁ । ଆମ ଘର ଧନ ସଂପତିରେ ପୂରି ଉଠିବ । ଆମେ ସାରା ଜୀବନ ଭଲରେ ରହିବା ।

ଲୋକଟି ପତ୍ନୀର କଥା ଶୁଣି ସମ୍ମତି ତ ଜଣାଇଲା, ହେଲେ ସାଧୁଙ୍କୁ ବର ମାଗିବା ବେଳେ ତା ପାଇଁ ନୁହେଁ ,ତା ଗାଁର ସବୁ ଲୋକଙ୍କର ଖୁସି ପାଇଁ ସମସ୍ତଙ୍କ ଘର ଧନସଂପତିରେ ପୂରି ଯାଉ ବୋଲି ପ୍ରାର୍ଥନା କଲା ଦିବ୍ୟ ସାଧୁ ଜଣଙ୍କ ତୁରନ୍ତ ତଥାସ୍ତୁ କହିବାରୁ , ତତକ୍ଷଣାତ୍ ଗାଁର ସବୁ ଲୋକଙ୍କ ଘରେ ଧନରତ୍ନ ପୂରିଗଲା । ଏଭଳି ଚମତ୍କାରିତାରେ ସମସ୍ତେ ଖୁସିରେ ନାଚି ଉଠିଲେ । ଚାରିଆଡ଼େ ଆନନ୍ଦର ଲହରି ଖେଳିଗଲା । ଲୋକଟିର ସ୍ତ୍ରୀ ସଙ୍ଗେ ସଙ୍ଗେ ବିରକ୍ତି ହୋଇ ସ୍ୱାମୀଙ୍କୁ କହିଲା, ଏ କଣ କଲ । ଏତେ ବଡ଼ ସୁଯୋଗ ପାଇ ହାତ ଛଡ଼ା କରି ଦେଲ । ନିଜ ପାଇଁ ନମାଗି ସମସ୍ତଙ୍କ ପାଇଁ କାହିଁକି ମାଗିଲ ?

ଲୋକଟି ସ୍ତ୍ରୀକୁ ବୁଝାଇ କହିଲା - ତମେ ବୁଝି ପାରୁନ । ଗାଁର ମଙ୍ଗଳ କାମନା କରିବା ଅର୍ଥ ନିଜର ବି ମଙ୍ଗଳ କରିବା । ଆମେ କଣ ଗାଁ ବାହାରେ ଅଛେ କି ? କାରଣ ଗାଁରେ ଆମେ ତ ଅଛେ ନା, ଲୋକମାନେ ଗାଁରେ ଭଲରେ ରହିଲେ ଆମେ ବି ଭଲରେ ରହିବା । ସମସ୍ତେ ଏଠାରେ ଅଛନ୍ତି ବୋଲି ସିନା ଆମେ ରହିଛେ । ଏକାଠି ମିଳିମିଶି ମେଳା ମହୋତ୍ସବ ଯାନି ଯାତ୍ରା ସବୁ କରୁଛେ । ଆମେ ଯଦି ଏକା ଖୁସି ଓ ଆନନ୍ଦରେ ରହିବା, ସେମାନେ ଦୁଃଖରେ ଥିବେ, କେବେ ଆମେ ଏକା ରହି ପାରିବା କି । ଆମେ ଯଦି ଅନ୍ୟର ଭଲ ଚିନ୍ତା କରିବା ଆମର ବି କିଏ ଭଲ ଚିନ୍ତା କରିବ । ଏହା ସୃଷ୍ଟିର ନିୟମ । ଏହାହିଁ ମଣିଷ ଜୀବନର ଆଦର୍ଶ । ତମେ ଖୁସି ହେଲେ, ମୁଁ ଖୁସି ହେଉଛି ନା ନାହିଁ । ସ୍ତ୍ରୀ ହଁ କଲା । ସ୍ୱାମୀ କହିଲା- ତମ ଖୁସିରେ ଯେମିତି ମୋର ଖୁସି । ସେମିତି ଲୋକଙ୍କ ଖୁସିରେ ଆମେ ଖୁସି ହେବା । ସମସ୍ତଙ୍କ ପ୍ରତି ସମଭାବାପନ୍ନ ରଖିଲେ, ମନରେ ଆଉ ଅଶାନ୍ତି ଓ ଲୋଭ ଜାତ ହେବ ନାହିଁ । ଆମ ପରିବାର ଯେମିତି ଆମର, ଆମ ଗାଁ ସମାଜ ବି ଆମର । ସ୍ତ୍ରୀ ଏଥର ସ୍ୱାମୀର କଥା ଶୁଣି ଖୁବ୍ ଖୁସି ହୋଇ ଗଲା । ତାଙ୍କର ମନର ଭ୍ରମ ଦୂର ହୋଇ ଗଲା ।

..... ଗୁରୁ କଥା ଛଳରେ ନିଜର ଶିଷ୍ୟକୁ ଏହି କଥାଟି କହି ଜୀବନର ଆଦର୍ଶ ଏହିଥିରେ ହିଁ ନିହିତ ବୋଲି କହିଲେ । ଏଣୁ ସମସ୍ତଙ୍କର ମଙ୍ଗଳରେ ହିଁ ଆମର ମଙ୍ଗଳ ହୁଏ, ଆଉ ସର୍ବଦା ଅନ୍ୟର ଖୁସି ଓ ଭଲ ପାଇ ଚିନ୍ତା କଲେ ଭଗବାନ ଆମର ବି ଭଲ ଚିନ୍ତା କରନ୍ତି । ଗୁରୁ କହିଲେ, ଯେମିତି ତୁମ ମାନଙ୍କର ଖୁସିଲେ ମୋ ଖୁସି । ତମେମାନେ ଭଲରେ ରହିଲେ, ଉତମ ଜ୍ଞାନ ପ୍ରାପ୍ତି କଲେ ମୋର ଜୟଜୟକାର ହେବ । ଦୁନିଆ ମୋତେ ଜାଣିବ । ସେଥିପାଇଁ ଆମେ କେବେହେଲେ କାହା ପ୍ରତି ଈର୍ଷା କି ଅମଙ୍ଗଳ ଚିନ୍ତା କରିବା ଉଚିତ ନୁହେଁ । କାରଣ ଆମ୍ଭେମାନେ ସମସ୍ତେ ପରସ୍ପର ପ୍ରତି ନିର୍ଭରଶୀଳ । ତୁମର ଲାଭରେ ମୋର ଲାଭ । ମୋର ଭଲରେ ତୁମର ବି ଭଲ ।

ଆଜି ଯଦି ଦୁନିଆରେ ହିଂସା ଦ୍ୱେଷ ଅହଂକାର ବଢି ଚାଲିଛି । ଏହା କେବଳ ଏଥିପାଇଁ ଯେ, ଆମ୍ଭେମାନେ ଆଉ ଅନ୍ୟ ଜଣକର ଭଲ କଥା ଭାବୁନେ । ନିଜେ କେମିତି ଭଲରେ ରହିବା, ଆମର ଧନ ସମ୍ପଦ ବଢିବ, ସେଇକଥା ଚିନ୍ତା କରୁଛେ । ଫଳରେ ଦୁନିଆରେ ବିଶୃଙ୍ଖଳତା ସୃଷ୍ଟି ହେଉଛି । ଚୋର ତସ୍କରଙ୍କ ସଂଖ୍ୟା ବଢି ଚାଲିଛି । ଲୋକଙ୍କ ମଧ୍ୟରେ ମାନ ସମ୍ମାନ ଓ ସମର୍ପଣ ଭାବ ଆଉ ନାହିଁ । ସମସ୍ତେ ନିଜର ପୂର୍ବଜଙ୍କ କଥା ଭୁଲି ଗଲେଣି । ଭଲ କଥା ଶୁଣିବା ,ଭଲ ଉପଦେଶକୁ ମାନିବା ଏସବୁ ଯେମିତି ଲୋକଦେଖାଣିଆ ହୋଇ ଗଲାଣି । ଲୋକେ ଆଧୁନିକର ଚାକଚକ୍ୟରେ ହଜେଇ ଦେଲେଣି ନିଜର ମାନବିକତା ଓ ମନୁଷ୍ୟତା ।

କୁରୁମଟାଙ୍ଗର, ମହୁଲପଡ଼ା,
ଢେଙ୍କାନାଳ
ମୋ: ୭୦୦୮୪୩୧୨୫୭

# ଗୋଚର ଜମିରେ ବେଆଇନ ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବା ପାଇଁ ଦାବି

ଯାଜପୁର: ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳ ପୁର ପଂଚାୟତ ରେ ଗୋଚର ଜମି ଉପରେ ବେଆଇନ ଭାବେ ନିର୍ମାଣ ହେଉଥିବା କାର୍ଯ୍ୟକୁ ବନ୍ଦ କରିବା ପାଇଁ ସାଧାରଣ ରେ ଦାବି ହେଉଛି, ବିରୂପା ନଦୀର ଉତର ପାରସୁଅରେ ଥିବା ଏ ୧୪.୦୪ଗୋଚର ଜମି ମଧ୍ୟରୁ ପ୍ଲଟ ନମ୍ବର ୭୯୮ରୁ ଏ ୧.୦୦ଟୁରିଷ୍ଟି ରିସିବି ସନ ସେଂଟର ଉଦୟଗିରି ନାମରେ ପର୍ଯ୍ୟାୟ କର୍ମେ ଏହି ପ୍ଲଟର ଏ ୦.୬୦ଡ଼ିସିମିଲ ଶକ୍ତି ବିଭାଗ ଓଡିଶା ସରକାର ଙ୍କ ନାମେ, ପ୍ଲଟ ନମ୍ବର ୧୫୪୨ରୁ ଏ ୧.୨୦ଗୋପାଳ ପୁର ସେବା ସମବାୟ ସମିତି ନାମେ ରେକର୍ଡ କରାଯାଇ ଥିବା ସ୍ଥଳେ ଏହି ୧୫୪୨ପ୍ଲଟରୁ ଏ ୧.୧୦ଗୋଚର କୁ ରକ୍ଷିତ ଖାତା ୧୩୫୮ରୁ ଅଣା ଯାଇ ଆବଦ ଯୋଗ୍ୟ ଅନାବାଦୀ ଖାତା ଭୁକ୍ତ କରାଯାଇଛି, ଏହା କେଉଁ ଉଦେଶ୍ୟ ରେ କରାଯାଇଛି ତାହା ତଦନ୍ତ ସାପେକ୍ଷ୍ୟ, ମୋଟ ଏ ୧୪.୦୪ଗୋଚର ମଧ୍ୟରୁ ପ୍ରଜାୟ କର୍ମେ ଏ ୩.୯୦ଡ଼ିସିମିଲ ଗୋଚର ହସ୍ତାନ୍ତର ପରେ ଅବଶିଷ୍ଟ ଏ ୧୦.୧୪ଡ଼ିସିମିଲି ମଧ୍ୟରୁ ପ୍ଲଟ ନମ୍ବର ୭୯୮ର ଅବଶିଷ୍ଟ ଏ ୧.୨୬ଡ଼ିସିମିଲି ଗୋଚର କୁ ମନ୍ଦ ଉଦେଶ୍ୟ ସମ୍ବଳିତ ବିଭିନ୍ନ ନିର୍ମାଣ କାର୍ଯ୍ୟ ଚାଲିଛି. ଏହି ପ୍ଲଟର ଗ୍ରାମ ସୀମା ଠାରୁ ଗ୍ରାମ୍ୟ ରାସ୍ତାର କଡେ କଡେ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଲାଗି ରହିଛି, ଉକ୍ତ ପ୍ଲଟର ପୂର୍ବରେ ବୌଦ୍ଧ କ୍ରିତି ଉଦୟଗିରି କି ରାସ୍ତା ପଶ୍ଚିମ ରେ ଗୋପାଳ ପୁର ପାହାଡ଼ ଓ ନିର୍ମାଣ ଧୀନ ପାଣି ଟାଙ୍କି, ଉତର ରେ ନିର୍ମାଣ ଧୀନ ବିଦ୍ୟୁତ ଗ୍ରୀଡ଼, ଓ ଉଦୟଗିରି ପାହାଡ଼ (ଚଣ୍ଡିଆ ମୌଜା ଅନ୍ତର୍ଗତ )ଦକ୍ଷିଣ ରେ ସର୍ବସାଧାରଣ ରାସ୍ତା ଓ କ୍ଷ. ସ୍ଥ.ୟ. ମ. ଏହି ପ୍ଲଟ ଟିଗୋଚର ଭୂମି ପ୍ରତିଦିନ ସହ ସହ ଗାଈ ଗୋରୁ ମଇଁଷି ଗୃହ ପାଳିତ ପଶୁମାନେ ଚରିଥାନ୍ତି. ଏହି ପ୍ଲଟ ଉପରେ ଜମି ମାଫିଆ ମାନଙ୍କର ଲୋଲୁପ ଦୃଷ୍ଟି ପଡୁଛି, ବିଭିନ୍ନ ଆଳରେ ଗୋଚର ରକ୍ଷା ରକ୍ଷଣ ନାମରେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ସରକାରୀ ଅର୍ଥକୁ ହରିଲୁଟ କରିବାରେ ଦୀର୍ଘ ଦିନ ହେବ ପ୍ରୟାସ ଜାରି ରଖିଛନ୍ତି, ବିଶେଷ ସୂତ୍ରରୁ ସୂଚନା ମିଳେ ଉକ୍ତ ଗୋଚର ପ୍ଲଟ କୁ ବିଭିନ୍ନ ଆଳରେ ରେକଡ଼ କରି ନେବା ପାଇଁ ତହସିଲଦାର ଦର୍ପଣ ଓ ଜିଲ୍ଲାପାଳ ଯାଜପୁର ଙ୍କ କାର୍ଯ୍ୟାଳୟରେ କେହି ବେକ୍ତି ଆବେଦନ କରିଛନ୍ତି, କଳେ ବଳେ କୌଶଳେ ସର୍ବସାଧାରଣ ଅଗୋଚର ରେ ଉକ୍ତ ଗୋଚର ପ୍ଲଟ ରେକଡ଼ କରାଇ ନେବେ, ଯାହା ଫଳରେ କି ଉକ୍ତ ଚାରା ଭୂଇଁ ରେ ଗୋରୁ ଗାଈ ମାନେ ଚାରିବାରୁ ସବୁଦିନ ପାଇଁ ବଂଚିତ ହେବେ, ଏହା ସହିତ ରାଜସ୍ୱ ବିଭାଗ ର୍ଧ୍ୱି ବ୍ୱେସ୍ତା ଅନୁଯାଇ ଆମ୍ଭ ରାଜସ୍ୱ ଗ୍ରାମର ବିଭିନ୍ନ ଉର୍ନତ ମାନର ଯୋଜନା ପ୍ରତି ବ୍ୟାଘାତ ହେବ, ଜିଲ୍ଲା ପ୍ରଶାସନ ଉକ୍ତ ଗୋଚର ଜମି ଉପରେ ଚାଲିଥିବା ବେଆଇନ ନିର୍ମାଣ କାର୍ଯ୍ୟ କୁ ତଦନ୍ତ ପୂର୍ବକ ବନ୍ଦ କରାଯିବା ସହିତ ଏହାର କିସମ ପରିବର୍ତନ କରା ନଯାଇ ଗୋଚର ଜମିକୁ ପୂର୍ବବତ ରଖାଯିବା ତଥା ଉକ୍ତ ବୃତି କୁ କୌଣସି ଅନୁଷ୍ଠାନ ଓ ବେକ୍ତିବିଶେଷ କୁ ହସ୍ତାନ୍ତର କରାନଯିବା ଏବଂ କସା ଯାଇଥିବା ଆବେଦନ ପତ୍ର କୁ ଖାରଜ କରିବା ପାଇଁ ଦାବି ହେଉଛି ।

# ଭିତିଭୂମିର ନିର୍ମାଣ ଓ ବିକାଶରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ଭୂମିକା ଅପରିହାର୍ଯ୍ୟ: ଜଙ୍ଗଲମନ୍ତ୍ରୀ ଶ୍ରୀ ସିଂଖୁଂଟିଆ

ଭୁବନେଶ୍ୱର: ଭିତିଭୂମିର ବିକାଶ ଆଜି ଦେଶ ପ୍ରଗତିର ମାପକାଠି । ଏହି ଭିତିଭୂମିର ନିର୍ମାଣ ଓ ବିକାଶରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ଭୂମିକା ଅପରିହାର୍ଯ୍ୟ । ସେମାନେ ତୃଣମୂଳସ୍ତରରେ କାର୍ଯ୍ୟ କରିଥାନ୍ତି । ଏଣୁ ସେମାନଙ୍କ ଦକ୍ଷତା, ବୈଷୟିକ ଜ୍ଞାନକୌଶଳ, ସମୟୋପଯୋଗୀ ପଦକ୍ଷେପ ଏବଂ ଦାୟିତ୍ୱବୋଧ ବିନା ଏହି ବିକାଶର ସଫଳ ରୂପାୟନ ହୋଇପାରିବ ନାହିଁ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଂଟିଆ ମତବ୍ୟକ୍ତ କରିଛନ୍ତି । ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘର ୮୦ତମ ପୂର୍ତି ମହୋତ୍ସବ ଓ ୭୯ତମ ବାର୍ଷିକ ସାଧାରଣ ଅଧିବେଶନ ସ୍ଥାନୀୟ ଓଡେଶା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ସିଂଖୁଂଟିଆ କହିଲେ ଯେ ଦେଶ ସ୍ୱାଧୀନତା ହାସଲ କରିବା ପୂର୍ବରୁ ୧୯୪୪ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ସଂଘ ରୌପ୍ୟ ଜୟନ୍ତୀ, ସୁବର୍ଣ୍ଣ ଜୟନ୍ତୀ, ହୀରକ ଜୟନ୍ତୀ ଓ ପ୍ଲାଟିନମ ଜୟନ୍ତୀ ପାଳନ କରିସାରିଛି ଏବଂ ଆଜି ୮୦ ବର୍ଷ ପୂର୍ତି ପାଳନ କରୁଥିବା ଗର୍ବର ବିଷୟ । ଡିପ୍ଲୋମା ଇଞ୍ଜିନିୟରମାନେ ପୂର୍ତ, ଜଳସଂପଦ, ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟଜଳ, ଗୃହ ଓ ନଗର ଉନ୍ନୟନ, ଶକ୍ତି, କୃଷି ଓ କୃଷକ ସଶକ୍ତିକରଣ, ଇସ୍ପାତ ଓ ଖଣି, ବାଣିଜ୍ୟ ଓ ପରିବହନ ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟକରି ରାଜ୍ୟର ଅର୍ଥନୈତିକ ପ୍ରଗତି ଓ ସର୍ବାଙ୍ଗୀନ ବିକାଶ ଦିଗରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେଇଆସିଛନ୍ତି । ସେତୁ, ସଡ଼କ, କଂକ୍ରିଟ୍ ରାସ୍ତା, ରାଜପଥ, କୋଠାବାଡ଼ି ନିର୍ମାଣ, ପାନୀୟ ଜଳ, ବିଦ୍ୟୁତ ଯୋଗାଣ ଆଦି ପ୍ରତ୍ୟେକଟି କ୍ଷେତ୍ରରେ ଡିପ୍ଲୋମା ଇଞ୍ଜିନିୟରମାନଙ୍କ ଯୋଗଦାନ ପରିଦୃଶ୍ୟ ହୋଇଥାଏ । ଯୋଜନାର ସଫଳ ରୂପାୟନ କରି ହିତାଧିକାରୀମାନଙ୍କୁ ସିଧାସଳଖ ଯୋଜନାର ଲାଭ ପହଂଚାଇବା ସେମାନଙ୍କର ପାରଦର୍ଶିତା ଉପରେ ନିର୍ଭର କରେ । ସଂପ୍ରତି ରାଜ୍ୟରେ ଦ୍ରୁତ ଶିଳ୍ପାୟନ ପରିପ୍ରେକ୍ଷୀରେ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ବୈଷୟିକ ଶିକ୍ଷା ଓ ଦକ୍ଷତା ତାଲିମ ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଡିପ୍ଲୋମା ଓ ଆଇଟିଆଇ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ଅଗ୍ରାଧିକାର ଦେଉଛୁ । ସବୁଠାରୁ ବଡ କଥା ହେଉଛି ସମାଜ ପ୍ରତି ଆମର ପ୍ରତିବଦ୍ଧତା । ଆପଣମାନେ ଆହରଣ କରିଥିବା ଜ୍ଞାନ ଓ ଶିକ୍ଷାର ଉପଯୁକ୍ତ ବିନିଯୋଗ ଓ କର୍ତବ୍ୟପ୍ରତି ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ଆଜି ଆପଣମାନେ ଆଧୁନିକ ଭାରତର ବିଶ୍ୱକର୍ମା ଭାବେ ଅଭିହିତ ହୋଇଛନ୍ତି । କୋଟି କୋଟି ରାଜ୍ୟବାସୀଙ୍କର ଏହି ବିଶ୍ୱାସକୁ ଡିପ୍ଲୋମା ଇଞ୍ଜିନିୟରମାନେ ବଜାୟ ରଖିବେ ବୋଲି ମନ୍ତ୍ରୀ ଆଶାପ୍ରକାଶ କରିଥିଲେ ଓ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବା ସଂଘର ଉତରୋତର ଉନ୍ନତି କାମନା କରିଥିଲେ ।

# ଆରବିଆଇ ପ୍ରାକ୍ତନ ଅଧିକାରୀ ସୁଶାନ୍ତ କରଙ୍କ ପରଲୋକ

ସମ୍ବଲପୁର: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ପ୍ରାକ୍ତନ ଅଧିକାରୀ ଡଃ ସୁଶାନ୍ତ କୁମାର କରଙ୍କ ମୁମ୍ବାଇର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ଅପରାହ୍ନରେ ପରଲୋକ ହୋଇଯାଇଛି ଓ ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା । ସମ୍ବଲପୁରର ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଲେନ ନିବାସୀ ଶିକ୍ଷାବିତ୍ ସ୍ୱର୍ଗତ ବାଳକୃଷ୍ଣ କରଙ୍କ ପୁଅ ସୁଶାନ୍ତ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ, ଗଙ୍ଗାଧର ମେହେର କଲେଜରେ ପାଠପଢ଼ା ପରେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ସ୍ନାତକୋତର ଓ ଏମଫିଲ ଏବଂ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ହାସଲ କରିଥିଲେ । ବଲାଙ୍ଗୀର ରାଜେନ୍ଦ୍ର ମହାବିଦ୍ୟାଳୟରେ ସାମୟିକ ଭାବେ ଅଧ୍ୟାପନା ପରେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ରେ ଯୋଗଦେଇ ୨୦୨୩ ମସିହା ଜୁନରେ ପ୍ରିନ୍ସିପାଲ ଚିଫ ଜେନେରାଲ ମ୍ୟାନେଜର (ପି.ସି.ଜି.ଏମ.) ଭାବେ ଅବସର ଗ୍ରହଣ କରିଥିଲେ । ଆରବିଆଇରେ ମହାରାଷ୍ଟ୍ରର ବ୍ୟାଙ୍କିଙ୍ଗ ଲୋକପାଳ (ଓମବଡ୍ସମ୍ୟାନ) ଥିବାବେଳେ ସାଇବର ଅପରାଧ ସଚେତନତା ପୁସ୍ତକ ପ୍ରସ୍ତୁତିରେ ତାଙ୍କ ପ୍ରମୁଖ ଭୂମିକା ରହିଥିଲା । ତାଙ୍କ ଗଳ୍ପ ସଂକଳନ 'ମାନସହଂସ' ସହିତ ଅନେକ ପ୍ରବନ୍ଧ ବିଭିନ୍ନ ଜାତୀୟ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି । ତାଙ୍କ ପଛରେ ପତ୍ନୀ ଆରବିଆଇର ନିର୍ବାହୀ ନିର୍ଦ୍ଦେଶିକା (ଏକଜିକ୍ୟୁଟିଭ ଡିରେକଟର) ଚାରୁଲତା କର ଓ ଝିଅ ଅନନ୍ୟା ଅଛନ୍ତି । ମୁମ୍ବାଇର କ୍ରିମେଟୋରିଅମରେ ଆସନ୍ତାକାଲି ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ସୂତ୍ରରୁ ପ୍ରକାଶ । ତାଙ୍କ ବିୟୋଗରେ ଜିଲ୍ଲା ସ୍କୁଲ ୧୯୭୮ ବ୍ୟାଚ, ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ ସହପାଠୀ ତଥା ବନ୍ଧୁ ପରିଜନ ମହଲରେ ଶୋକପ୍ରକାଶ ପାଇଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ସ୍ୱର୍ଗତ ସୁଶାନ୍ତ କର ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁକାନ୍ତ କର ଙ୍କ ବଡ଼ ଭାଇ ଅଟନ୍ତି ।

# ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଉଦ୍‌ଯାପିତ ହେଲା କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫

ଭବାନୀପାଟଣା: ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ମହା ସମାରୋହରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କଳାହାଣ୍ଡିର ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ଅତ୍ୟନ୍ତ ସମୃଦ୍ଧ ବୋଲି କହିବା ସହିତ ଜିଲ୍ଲାବାସୀଙ୍କ ଅବଦାନକୁ ସାରା ରାଜ୍ୟ ଓ ଦେଶ ମନେ ରଖିବ ବୋଲି କହିଥିଲେ । ସେହିପରି ଜିଲ୍ଲାର ଯୁବଗୋଷ୍ଠୀ ଏବେ ସାରା ଦେଶର ନେତୃତ୍ୱ ନେବାର ସମୟ ଆସିଛି ବୋଲି କହିବା ସହିତ ଓଡ଼ିଶାର ପ୍ରଗତିରେ କଳାହାଣ୍ଡିର ଅତୁଳନୀୟ ଯୋଗଦାନକୁ ସ୍ମରଣ କରିଥିଲେ । କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର, କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି



ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପକ ସତ୍ୟ ନାରାୟଣ ମୁଣ୍ଡଛିନା ସଭା ପରିଚାଳନା ଓ ଶ୍ରୀ ମହାନନ୍ଦ ଧନ୍ୟବାଦ ଦେଇଥିଲେ । ରେଡ଼କ୍ରସ ଦୃଷ୍ଟିହୀନ ବିଦ୍ୟାଳୟର ଅନ୍ତେବାସୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବାବେଳେ ଅନୁଷ୍ଠିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାହାଣ୍ଡି କଳାକେନ୍ଦ୍ରର ଓଡିଶୀ, କାରୁଣ୍ଡ କଳାକେନ୍ଦ୍ରର ଘୁମୁରା, ଆସାମର ବିହୁ, ମୟୁରଭଞ୍ଜ ଓ ଉତରସାହୀର ଛଉ ନୃତ୍ୟ, ହିମାଚଳର ପାହାଡ଼ୀ ନୃତ୍ୟ, ସମ୍ବଲପୁରର ଲହରୀ, ନୃତ୍ୟ ରସିକାର ଚୁଟକୁଚୁଟା, ଭବାନୀପାଟଣାର ନଟରାଜ କଳାପରିଷଦ, ସଙ୍ଗମ ଅନୁଷ୍ଠାନ, ସୋନି ଡ୍ୟାନ୍ସ ଗ୍ରୁପ, ମୟୁରୀ ଡ୍ୟାନ୍ସ ଗ୍ରୁପ, ମାଲକାନଗିରିର ଢେମସା, ଟ୍ରାଇବାଲ ପ୍ରୋଜେକ୍ଟ ଏକାଡେମୀ, ଗଞ୍ଜାମର ବିଚିତ୍ରା ବର୍ଣ୍ଣାଳୀ ଓ ନରେନ୍ଦ୍ରପୁରର ଲୋକନୃତ୍ୟ, ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ ପ୍ରଗତିର ବଜାଶାଳ ପ୍ରମୁଖ ଦର୍ଶକଙ୍କ ମନୋରଞ୍ଜନର ଖୋରାକ ଯୋଗାଇଥିଲା । ସେହିପରି ଷ୍ଟାର ନାଇଟ କାର୍ଯ୍ୟକ୍ରମରେ ରାଜୁ ନନ୍ଦ, ଅମର ଦାସ, ପ୍ରମୁଖ ବିଳମ୍ବିତ ରାତିଯାଏଁ ଲକ୍ଷାଧିକ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁଧୀର ନାଏକ, ଲୋଚନୀ ବାଗ, ମନୋଜ ଶର୍ମା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଆଶୁତୋଷ ପାତ୍ର, ଦୀପ୍ତିମୟୀ ସିଂ ପରିଚାଳନା କରିଥିଲେ । ଆଜି ଦିନ ତମାମ ଷ୍ଟଲଗୁଡ଼ିକରେ ପ୍ରବଳ ଭିଡ଼ ଜମିଥିବାବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଇଲକ୍ଷରୁ ଅଧିକ ଦର୍ଶକଙ୍କ ଭିଡ଼ ହୋଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଓ ଏନସିସି କ୍ୟାଡେଟମାନେ ନିୟୋଜିତ ଥିଲେ ।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଉପମୁଖ୍ୟମନ୍ତ୍ରୀଙ୍କୁ ଦରଖାସ୍ତ ପ୍ରଦାନ

ଭୁବନେଶ୍ୱର: ରାଜ୍ୟରେ ପ୍ରାଥମିକ ମାନଙ୍କ ବିଭିନ୍ନ ସମସ୍ୟା ଗୁଡିକ ନେଇ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ,୫ ଖାରବେଳ ନଗର ଓଡିଶା ତରଫରୁ ନୟାପାଲି, ଭୁବନେଶ୍ୱର ଠାରେ ଶ୍ରୀ ବବ୍ରୁବାହନ ଭୋଇ ( ସାଧାରଣ ସମ୍ପାଦକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ୍ ରେସନ



ଭୁବନେଶ୍ୱର ଓଡ଼ିଶା ଓ ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ସଂଘର ସଚିବ,ନୂଆଦିଲ୍ଲୀ )ଙ୍କ ନେତୃତ୍ୱରେ ରାଜ୍ୟର ବିଭିନ୍ନ ଜିଲ୍ଲାର ପଦାଧିକାରୀ ଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ! ଏହାପରେ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ତାଙ୍କ ବାସଭବନରେ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ନିଜ ସମସ୍ୟାର ଦରଖାସ୍ତ ଦେଇଥିଲେ ! ମାନ୍ୟବର ଉପମୁଖ୍ୟମନ୍ତ୍ରୀ ମଧ୍ୟ ଗ୍ରହଣ କରି ଧନ୍ୟବାଦ ଜଣାଇଥିଲେ ! ଏହି ଅବସରରେ ଉପସଭାନେତ୍ରୀ ସୁଚିତ୍ରା ଦାଶ,ଉପସଭାପତି ସଞ୍ଜୟ ପ୍ରଧାନ,ସହ ସମ୍ପାଦକ ପ୍ରମୋଦ ନାଏକ,ସଞ୍ଜୟ କୁମାର ପାଢୀ, କୁମୁଦିନି ମେହେର,ଶିବପ୍ରସାଦ ପାଢ଼ି,ନଳିନୀ କାନ୍ତ ସେନାପତି, ଉପେନ୍ଦ୍ର ସ୍ୱାଇଁ,ମହେଶ୍ୱର ସାହୁ,ନୀଳମଣି ବେହେରା, ଲକ୍ଷ୍ମଣ ବେହେରା,ଜୟନ୍ତୀ ଦେବତା,ଝରଣା ହରିପାଲ,ରାଧାଗୋବିନ୍ଦ ରଥ ଓ ଗୌରାଙ୍ଗ ଚରଣ ମଲ୍ଲିକ ପ୍ରମୁଖ ପଦାଧିକାରୀ ମାନେ ଉପସ୍ଥିତ ଥିଲେ ।

# ବରିଷ୍ଠ କଳାକାର ସଂଘର ଶୋକ ସଭା



ବ୍ରହ୍ମପୁର: କଳା ଓ କଳାକାର ହିତୈଷୀ ମହାମଂଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ' ତରଫରୁ ସଙ୍ଘ ସଦସ୍ୟ ଶିବାରମ ଶବତାଙ୍କ ଧର୍ମପତ୍ନୀ ଶ୍ରୀମତୀ ଶାରଳା ଦେବୀଙ୍କ ଦ୍ୱାଦଶାହ ଅବସରରେ ଏକ ଶୋକ ସଭା ସ୍ଥାନୀୟ ବାଲାଜୀପେଣ୍ଠ ସାହି ସ୍ଥିତ ମନମୋହନ ପ୍ରେସ ପରିସରରେ ସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ସ୍ୱର୍ଗତ ଆତ୍ମାର ସଦ୍ଗତି କାମନା ପୂର୍ବକ ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ନାମ ସଂକୀର୍ତନ କରାଯାଇଥିଲା । ଏଥିରେ ସର୍ବଶ୍ରୀ ଶିବରାମ ସାବତ, ବଳଦେବ ସାହୁ, ସନିଆ ବେହେରା, ପ୍ରଦୀପ କୁମାର ସାହୁ, ମହେନ୍ଦ୍ର କୁମାର ସାହୁ, କିଶୋର ଚନ୍ଦ୍ର ସାହୁ, କିଶୋର ଚନ୍ଦ୍ର ପାତ୍ର, ଭଗବାନ ବେହାଲିଆ, ଦିବାକର ସାମଲ, ଲକ୍ଷ୍ମୀ ନାରାୟଣ ସାମଲ, ଉର୍ମିଳା ଗୌଡ଼, ଶିଶିର ସାହାଣୀ, ନବୀନ ଚୌଧୁରୀ, ନୀଳ ମାଧବ ଜେନା, ଭଗବାନ ସାବତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ତୋଫା ସାଗର ସାବତ ଓ ସ୍ନେହ ସାଗର ସାବତ ସହଯୋଗ କରିଥିଲେ ।

# ଜିରାଳ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବ

ଭୁବନ : ଶିକ୍ଷା ହିଁ ମଣିଷକୁ ମାର୍ଗ ଦର୍ଶାଏ । ଜୀବନଧାରଣ ମାନରେ ଉନ୍ନତି ପାଇଁ ଶିକ୍ଷା ହିଁ ଅପରିହାର୍ଯ୍ୟ । ବିଦ୍ୟାଳୟ ଶିକ୍ଷା କୋମଳମତି ବିଦ୍ୟାର୍ଥୀଙ୍କୁ ସଠିକ୍ ମାର୍ଗଦର୍ଶନ କରିଥାଏ ବୋଲି କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ । ଭୁବନ ବ୍ଲକ୍ ଜିରାଳସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୨୮ ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱପ୍ରସଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଫୁଲ୍ଲ ସାହୁ ସଂପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରଧାନଆଚାର୍ଯ୍ୟ ସନ୍ୟାସୀ ବରାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶିକ୍ଷୟତ୍ରୀ ଜ୍ଞାନ ମଞ୍ଜରୀ ନାୟକ ପୁରସ୍କାର ବିତରଣ ଉତ୍ସବକୁ ସଂଯୋଜନା କରିଥିଲେ । ଉପଦେଷ୍ଟା ଦିଲୀପ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ

ବ୍ରହ୍ମପୁର : ଫକୀର ମୋହନ ସେନାପତି ଓଡିଶା ସାହିତ୍ୟ ଜଗତ ର ଅମୁଲ୍ୟ ରତ୍ନ ଥିଲେ, ତାଙ୍କର ରଚିତ ଛ ମାଣ୍ ଆଣ୍ଠ ଗୁଣ୍ଠ, ରେବତୀ, ସୁନା ବୋହୁ, ଡାକ ମୁନୁସୀ, ଧୁଳିଆ ବାବା ଇତ୍ୟାଦି ଅନେକ ଉପନ୍ୟାସ ଆଜିବି ଅମୁଲ୍ୟ ରତ୍ନ ବୋଲି ଆଜି ପବିତ୍ର ମକର ସଙ୍କରାନ୍ତି ତାଙ୍କ ତିଥି ଅନୁଯାୟୀ ଜନ୍ମ ଜୟନ୍ତୀ ଅନ୍ତରଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ତରଫରୁ ମହାନ ସଂଘ କାର୍ଯ୍ୟଳୟ ରେ ପାଳନ ଅବସରରେ ପ୍ରତିଷ୍ଠାନ ସଭାପତି ଶ୍ରଦ୍ଧାଞ୍ଜଳି ଦେବା ସହ ମାତବ୍ୟକ୍ତ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମତୀ ପ୍ରଭାସିନୀ ପଣ୍ଡା, ପ୍ରକାଶ ଚନ୍ଦ୍ର ଭଜନୀ, ରିତାଞ୍ଜଳୀ ସ୍ୱାଇଁ, ପ୍ରଫୁଲ୍ଲ କୁମାର ପାତ୍ର,ପୁଷ୍ପାଞ୍ଜଳି ମହାପାତ୍ର,ଅଲେଖ ଦାସ, ଶ୍ରୀ ନାରୟଣ ମାହାଙ୍କୁଡ,ଡ଼. ସୁରଜିତ ପାଣିଗ୍ରାହୀ, ଆଦିତ୍ୟ ନାରାୟଣ ରଥ, ତପନ ଜେ ପଣ୍ଡା ଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଅଂଶ ଗ୍ରହଣ କରିଥିଲେ । ସେଶରେ ଶ୍ରୀମତୀ ନିବେଦିତା ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ ।

# କୋରାପୁଟ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କୋରାପୁଟ : ଆଜି ସ୍ଥାନୀୟ ଦକ୍ଷତା ତାଲିମ କେନ୍ଦ୍ର ଠାରେ ଚଳିତ ବର୍ଷ ର ସାଧାରଣ ତନ୍ତ୍ର ଦିବସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ଙ୍କ ଅଧ୍ୟକ୍ଷ ତା ରେ ଅନୁଷ୍ଠିତ ହୋଇଯାଇଛି ।ସାଧାରଣ ତନ୍ତ୍ର ଦିବସ ପୂର୍ବରୁ ଜିଲ୍ଲା ପ୍ରଶାସନ ଦ୍ୱାରା କବିତା ଅକ୍ଷସର ଅନୁଷ୍ଠିତ ହେବ ସାଧାରଣ ତନ୍ତ୍ର ଦିବସ ଦିନ ସକାଳେ ରାମ ଧୁନ ପ୍ରଭାତୀ ଫେରି କରାଯିବ ନିର୍ଦ୍ଧାରିତ ସମୟରେ ମୁଖ୍ୟଅତିଥି ଙ୍କ ଦ୍ୱାରା ପୋଲିସ ପଡିଆ ରେ ପତାକା ଉତଳ ନ କରାଯିବ ତାପରେ ଜେଲ ରେ ଫଳ ବଂଟନ କରାଯିବ ଏ ଉପଲକ୍ଷେ ମିଡ଼ିଆ କୁ ନେଇ ଏକବନ୍ଧୁତ୍ୱ ପୁର୍ଣ କ୍ରିକେଟ ମ୍ୟାଚ କରାଯିବ ବିଭିନ୍ନ ପ୍ରତିଯୋଗିତା ରେ କୃତୀ ତ୍ୱ ଅର୍ଜନ କରିଥିବା ପିଲା ଏବଂ ବିଭିନ୍ନ ସରକାରୀ ଅଫିସ ରେ ଆଲୋକମାଳକ୍ଷ ରେ ସଜ୍ଜିତ କରିଥିବା ପ୍ରଥମ ଦ୍ୱତୀୟ ତୃତୀୟ ବିବେଚିତ ହୋଇଥିବା ସରକାରୀ କାଯ୍ୟଳୟ କୁ ବି ପୁରସ୍କୃତ କରାଯିବ । ପ୍ରଜ୍ଞାନ ମେଢ଼ କୁ ପୁରସ୍କୃତ କରାଯିବ ସନ୍ଧ୍ୟା ରେ ସାଂକୃତିକ କାଯ୍ୟକ୍ରମ ଅନୁଷ୍ଠିତ କରାଯିବ ।

# ମାନ୍ୟବର କ୍ୟାବିନେଟ ମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଶ୍ରୀ ସୁରେଶ ପୂଝାରୀଙ୍କ ସମୀକ୍ଷା ବୈଠକ

ଭବାନୀପାଟଣା : ମାନ୍ୟବର କ୍ୟାବିନେଟ ମନ୍ତ୍ରୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସୁରେଶ ପୁଝାରୀ ଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାପାଳ,କଳାହାଣ୍ଡି ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହଠାରେ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମାନ୍ୟବର କଳାହାଣ୍ଡି ଲୋକ ସଭା ସଦସ୍ୟା ମାଳବିକା ଦେବୀ, ମାନ୍ୟବର ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଅତିରିକ୍ତ କମିଶନର



ବନ୍ଦୋବସ୍ତ ଅଗସ୍ତି ପ୍ରଧାନ, ଉପଜିଲ୍ଲାପାଳ ଧର୍ମଗଡ଼ ଧୀମାନ ଚାକମା, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଡେପୁଟି ଜିଲ୍ଲାପାଳ ସତ୍ୟନାରାୟଣ ମେହେର, ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଢଜଞଚଝ କେସ ସମୟ ସୀମା ମଧ୍ୟରେ ଫଏସଲା କରିବା ପାଇଁ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଝାରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବସୁନ୍ଧରା ସ୍କିମ ଯୋଜନାରେ ଭୂମିହିନ ମାନଙ୍କୁ ପଟ୍ଟା ପ୍ରଦାନ ଓ ଜିଲ୍ଲାର ଯେଉଁ ସ୍କୁଲ କଲେଜ ନିଜସ୍ୱ ପଟ୍ଟା ନାହି ତାଙ୍କୁ ସ୍ଥାୟୀ ପଟ୍ଟା ଦେବାର ବ୍ୟବସ୍ଥା କରିବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହେବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ତା ଛଡା ଅନ୍ୟାନ୍ୟ ରାଜସ୍ୱ ସମ୍ବନ୍ଧୀୟ ବିଷୟରେ ବିଶଦଭାବରେ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ରାଜସ୍ୱ ବିଭାଗର ସଂସ୍କାର ଓ ସ୍ୱଚ୍ଛତା ଆଣିବା ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସୂଚାରୁ ରୂପେ ନିଜର ଦାୟିତ୍ୱ ତୁଲାଇବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ସଂସ୍ଥାମାନଙ୍କୁ ସରକାରୀ ଜମି ଦିଆଯାଇଛି କିନ୍ତୁ ତାକୁ ବ୍ୟବହାର କରୁନାହାନ୍ତି ସେ ସବୁ ଜମିକୁ ଚିହ୍ନଟ କରି ସରକାରଙ୍କ ଖାତାକୁ ଆଣିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଘର ଡିହ ହିନ ୨୫ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଘର ଡିହ ପଟ୍ଟା ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ବଂଟନ କରାଯାଇଥିଲା । ତନ୍ମଧ୍ୟରୁ ୫ ଜଣ ହିତାଧିକାରୀ ଇନ୍ଦ୍ରାବତୀ ପ୍ରକଳ୍ପ ବିସ୍ଥାପିତ ଅଟନ୍ତି । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରଓ୍ୱାନ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୂର କରନ୍ତୁ ‘ମନ୍‌ଡେ ବ୍ଲୁ’



**ୱିକେଣ୍ଡ୍ ଗୁଡ଼ିକ ଖୁବ ଶୀଘ୍ର କଟିଯାଏ । ସୋମବାର ପୁଣି କେତେବେଳେ ଆସିଯାଏ ଜଣାପଡ଼େନି । ନିଦରୁ ଉଠି ଅଫିସ ଯିବାକୁ ହେବ ବୋଲି ଭାବିଲା ମାତ୍ରେ ମିଜାଜ ବିଗିଡ଼ିଯାଏ । ଅଫିସ ଯାଇ ମଧ୍ୟ କାମରେ ମନ ଲାଗେନାହିଁ । ଲଂଚ ସମୟ ପର୍ଯ୍ୟନ୍ତ ନିଦୁଆ ନିଦୁଆ ଲାଗେ । କେବଳ ଆପଣ ନୁହନ୍ତି, ଅନେକ ଲୋକ ସୋମବାର କାର୍ଯ୍ୟରେ ଯୋଗ ଦେବା କଥା ଭାବିବା ମାତ୍ରେ ଛାନିଆ ହୁଅନ୍ତି । ଏହାକୁ ମନସ୍ତାତ୍ୱିକ ଭାଷାରେ କୁହାଯାଏ ‘ମନ୍‌ଡେ ବ୍ଲୁ’ । ଜାଣନ୍ତୁ ‘ମନଡେ ବ୍ଲୁ’ ଦୂର କରିବାର ଉପାୟ ।**

- କାଉଂଟଡାଉନ୍ ଆରମ୍ଭ କରନ୍ତୁ । ଆଜି ସୋମବାର, ମାନେ ଆଉ ୫ଦିନ । ଏହାପରେ ଆପଣ ପୁଣିଥରେ ଉପଭୋଗ କରିପାରିବେ ୱିକେଣ୍ଡ୍ । ବିଭିନ୍ନ କର୍ପୋରେଟ୍ ସେକ୍ଟରର ୫ ଦିନିଆ ୱିକେଣ୍ଡ୍ ହୋଇଥାଏ ।

- ସୋମବାର ସକାଳୁ ଉଠି ଅଫିସ ଯିବା କଥା ଭାବିଲେ ମୁଡ୍ ଅଫ୍ ହୋଇଯାଏ । ଅଫିସ କଥା ନଭାବି ଭାବନ୍ତୁ ୱିକେଣ୍ଡ୍‌କୁ ଆପଣ କେମିତି ଉପଭୋଗ କଲେ । ମଜା କରି ବା ଆରାମ କରି କିପରି ଛୁଟି କାଟିଛନ୍ତି ସେ କଥା ମନେ ପକାଇବାକୁ ଚେଷ୍ଟା କଲେ ମନ ଭଲ ହୋଇଯିବ । ଥରେ ମୁଡ୍ ଭଲ ହୋଇଗଲେ ଦେଖିବେ ଆପଣଙ୍କର ଯିବାକୁ ବିଶେଷ ସମସ୍ୟା ହେବନାହିଁ ।



- ନିଜର କାମ ନେଇ ସକାରାତ୍ମକ ଭାବନା ରଖନ୍ତୁ । ଭଲ ଓ ବିଳାସବ୍ୟସନରେ ବଂଚିବା ପାଇଁ ଅର୍ଥଟା ଆବଶ୍ୟକ ରହିଛି । ଆଉ ଏହି ଅର୍ଥ ଆପଣ ଚାକିରି କ୍ଷେତ୍ରରୁ ଆସୁଛି । ତେଣୁ କାମ କରିବା କ୍ଷେତ୍ରରେ ସକାରାତ୍ମକ ମନୋଭାବ ସୃଷ୍ଟି କରନ୍ତୁ । ଦେଖିବେ ସୋମବାର କଥା ଭାବିଲେ ଆଉ ମନଦୁଃଖ ହେବନି ।

- ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନେ ୱିକେଣ୍ଡ୍ ଛୁଟି କଥା ଚିନ୍ତା କରିପାରନ୍ତି ନାହିଁ । ସାମ୍ବାଦିକ, ଚିକିତ୍ସକ ବା କଲସେଂଟର୍‌ରେ ଚାକିରି କରିଥିବା ଲୋକମାନଙ୍କୁ ରବିବାରରେ ବି ଅଫିସ ଯିବାକୁ ପଡ଼ିଥାଏ । ଥରେ ଭାବନ୍ତୁ ତ ସେମାନଙ୍କ ତୁଳନାରେ ଆପଣ କେତେ ଭାଗ୍ୟବାନ ।

- ମନ୍‌ଡେ ବ୍ଲୁ ବିଷୟଟି ସମ୍ପୂର୍ଣ୍ଣ ଭାବେ ମାନସିକ । ସପ୍ତାହରେ ପ୍ରଥମଦିନ । ତେଣୁ ଦିନେ ବା ଦୁଇଦିନ ଛୁଟି କାଟିବା ପରେ ପୁଣିଥରେ କାମରେ ଯୋଗଦେବା ପାଇଁ ମନକୁ ପ୍ରସ୍ତୁତ କରିବାକୁ ସମୟ ଲାଗେ ।

# ଜ୍ୟୋତିର୍ବିଜ୍ଞାନୀ ଓ ଗଣିତଜ୍ଞ ଆର୍ଯ୍ୟଭଟ



**ଜ୍ଞାନ-ବିଜ୍ଞାନର ମହନୀୟ ଭୂମି ପବିତ୍ର ଭାରତବର୍ଷ । ପ୍ରାଚୀନ ଭାରତର ମୁନୀ, ଋଷି ଏବଂ ବୈଜ୍ଞାନିକମାନେ ସେମାନଙ୍କ ମହାନ ସାଧନା ବଳରେ ଯେଉଁ ଉଦ୍ଭାବନ ଓ ଆବିଷ୍କାର ସବୁ କରିଯାଇଛନ୍ତି, ସେଗୁଡ଼ିକ ଆଜି ବି ଉପାଦେୟ ସାବ୍ୟସ୍ତ ହୋଇପାରିଛି ।**

ବିଦ୍ୱାନଙ୍କ ଦେଶ ଭାରତ: ପ୍ରାଚୀନ ଭାରତବର୍ଷର ବିଦ୍ୱାନ ଆର୍ଯ୍ୟଭଟ୍ଟ ଏକାଧାରରେ ଥିଲେ ଜଣେ ମହାନ ବୈଜ୍ଞାନିକ, ବିଚକ୍ଷଣ ଗଣିତଜ୍ଞ ଓ ଜ୍ୟୋର୍ତିବିଜ୍ଞାନୀ । ୪୭୬ ଖ୍ରୀଷ୍ଟାବ୍ଦରେ ମଗଧ ଅନ୍ତର୍ଗତ ପାଟଳୀପୁତ୍ରରେ ଆର୍ଯ୍ୟଭଟ୍ଟଙ୍କ ଜନ୍ମ । ଭାରତର ସୁବର୍ଣ୍ଣଯୁଗ ବୋଲାଉଥିବା ଗୁପ୍ତ ଶାସନ ସମୟରେ ହିଁ ସେନିଜର ଗବେଷଣା ଆରମ୍ଭ କରିଥିଲେ । ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିବା ଆର୍ଯ୍ୟଭଟ୍ଟ ୪୯୯ ଖ୍ରୀଷ୍ଟାବ୍ଦରେ ରଚନା କରିଥିଲେ ଆର୍ଯ୍ୟଭଟ୍ଟୀୟ ନାମକ ଏକ ଗବେଷଣା ଲବ୍ଧ ଗ୍ରନ୍ଥ । ଜ୍ୟୋତିର୍ବିଜ୍ଞାନ, ତ୍ରିକୋଣମିତି, ଗଣିତ ବା ଏରିଥମେଟିକ୍, ବୀଜଗଣିତ ବା ଆଲଜେବ୍ରା ଏବଂ ସମତଳ ତ୍ରିକୋଣମିତି ଆଦି ବିଷୟରେ ନାନାଦି ଦୁର୍ଲଭ ସୂତ୍ରାବଳୀ ଉପସ୍ଥାପନ କରାଯାଇଥିଲା ଉକ୍ତ ପୁସ୍ତକରେ । ଗଣିତ ସହିତ ଜ୍ୟୋତିବିଜ୍ଞାନର ସମ୍ପର୍କ ସ୍ଥାପନ କରିବାରେ ସେ ଥିଲେ ବିଶ୍ୱର ପ୍ରଥମ ବିଦ୍ୱାନ ବ୍ୟକ୍ତିତ୍ୱ । ତ୍ରୟୋଦଶ ଶତାବ୍ଦୀରେ ଉକ୍ତ ପୁସ୍ତକଟି ‘ଲାଟିନ୍’ ଭାଷାରେ ଅନୁଦିତ ହେବା ପରେ ପାଶ୍ଚାତ୍ୟ ଦେଶର ଗଣିତଜ୍ଞମାନେ ଏସବୁ ବିଷୟରେ ଜାଣିବାକୁ ସକ୍ଷମ ହୋଇଥିଲେ । ‘ଆର୍ଯ୍ୟଭଟ୍ଟୀୟ’ ପୁସ୍ତକର ସୂତ୍ରାବଳୀକୁ ଅନୁକରଣ କରି ପରବର୍ତ୍ତୀ ସମୟରେ ତ୍ରିଭୁଜଙ୍କର କ୍ଷେତ୍ରଫଳ, ଗୋଲକର ଆୟତନ ତଥା ବର୍ଗମୂଳ ଓ ଘନମୂଳ ନିର୍ଣ୍ଣୟ ପଦ୍ଧତିର ସୂତ୍ରପାତ ହୋଇଥିଲା । ସେ ପ୍ରଦାନ କରିଯାଇଥିବା ତ୍ରିଭୁଜ ଏବଂ ବୃତ ସମ୍ବନ୍ଧୀୟ ସୂତ୍ରାବଳୀ, ପାଇର ମୂଲ୍ୟ, ତ୍ରିକୋଣମିତି ସମ୍ବନ୍ଧୀୟ ପ୍ରସଙ୍ଗ ଆଜି ପର୍ଯ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେଉଛି ।




ଜ୍ୟୋତିର୍ବିଜ୍ଞାନ ତଥ୍ୟ: ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ଅନେକ ଅନାଲୋଚିତ ଦିଗ ଓ ତଥ୍ୟ ଆବିଷ୍କାର କରିଥିଲେ ଆର୍ଯ୍ୟଭଟ୍ଟ । ପୃଥିବୀ ଗୋଲାକାର ଏବଂ ଏହା ନିଜ ଅକ୍ଷ ଚତୁଃପାର୍ଶ୍ୱରେ ଘୂର୍ଣ୍ଣନ କରିବା ସହ ସୂର୍ଯ୍ୟ ଚତୁଃପାର୍ଶ୍ୱରେ ମଧ ପରିଭ୍ରମଣ କରୁଛି ବୋଲି ଆର୍ଯ୍ୟଭଟ୍ଟ ହିଁ ପ୍ରଥମେ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ । ଏତଦ୍ ବ୍ୟତୀତ ଦିବାରାତ୍ର ହେବାର ତଥ୍ୟ, ଋତୁ ପରିବର୍ତନର କାରଣ ସଂପର୍କରେ ମଧ ସେ ସୂଚନା ପ୍ରଦାନ କରିଥିଲେ । ଚନ୍ଦ୍ର ପୃଥିବୀର ଉପଗ୍ରହ ଓ ଏହା ପୃଥିବୀ ଚାରି ପଟେ ପରିଭ୍ରମଣ କରୁଥିବା ତଥା ନିଜସ୍ୱ ଆଲୋକ ନ ଥାଇ ଏହା ସୂର୍ଯ୍ୟାଲୋକ ଦ୍ୱାରା ଆଲୋକିତ ହେଉଥିବା କଥା ସେ ହିଁ ପ୍ରଥମେ ସମଗ୍ର ପୃଥିବୀବାସୀଙ୍କୁ ଜଣାଇଥିଲେ । ଏତଦ୍‌ବ୍ୟତୀତ ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣ, ପୃଥିବୀର ପରିସୀମା, ବର୍ଷ ଗଣନା, ମାଧ୍ୟାକର୍ଷଣ ଶକ୍ତି ଇତ୍ୟାଦିର ସଠିକ୍ ତଥ୍ୟ ମଧ ଆର୍ଯ୍ୟଭଟ୍ଟଙ୍କ ଗବେଷଣାର ଅଂଶବିଶେଷ ଥିଲା । ତାଙ୍କ ଦ୍ୱାରା ଲିଖିତ ‘ଆର୍ଯ୍ୟସିଦ୍ଧାନ୍ତ’ ଗ୍ରନ୍ଥ ବହୁ ଜ୍ୟୋତିବିଜ୍ଞାନ ସମ୍ବନ୍ଧୀୟ ଗବେଷଣା ସହ ହିନ୍ଦୁ କ୍ୟାଲେଣ୍ଡର ପ୍ରସ୍ତୁତିରେ ସହାୟକ ହେଉଛି । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମଗ୍ର ବିଶ୍ୱ ଯେଉଁ ବୈଜ୍ଞାନିକମାନଙ୍କୁ ଉପରୋକ୍ତ ଆବିଷ୍କାର ପାଇଁ ଶ୍ରେୟ ପ୍ରଦାନ କରୁଛି, ସେମାନଙ୍କ ଠାରୁ ହଜାରେ ବର୍ଷ ପୂର୍ବରୁ ଭାରତୀୟ ବୈଜ୍ଞାନିକ ଆର୍ଯ୍ୟଭଟ୍ଟ ଏସବୁର ନିର୍ଭୁଲ ତଥ୍ୟ ପ୍ରଦାନ କରିଯାଇଥିଲେ । କିନ୍ତୁ ବିଡ଼ମ୍ବନାର ବିଷୟ ଏହା ଯେ ପୃଥିବୀର ଇତିହାସ ଲେଖିଥିବା ଐତିହାସିକଗଣ ଭାରତୀୟ ବୈଜ୍ଞାନିକମାନଙ୍କ ଅବଦାନର ପ୍ରକୃତ ମହତ୍ୱ ଆଜି ପ୍ରତିପାଦିତ ହୋଇପାରୁନାହିଁ । ପ୍ରାଚୀନ ଭାରତୀୟ ବିଜ୍ଞାନ ଓ ବୈଜ୍ଞାନିକଙ୍କ ମହତ୍ୱର ସମୟୋଚିତ ପ୍ରଚାର ଓ ପ୍ରସାର କରାଗଲେ ଏହା ବିଶ୍ୱ ଦରବାରରେ ଉପସ୍ଥାପିତ ଓ ପ୍ରମାଣିତ ହୋଇପାରିବ ।




# ମୋଟ ବୟସ ବନାମ ସ୍ୱାସ୍ଥ୍ୟ ବୟସ: ମାଂସପେଶୀ କ୍ଷୟହାର୍ କମାଇବା ଜରୁରି



ଵିଗତ ଏକ ଶତାବ୍ଦୀ ହେଲା ବିଭିନ୍ନ କାରଣରୁ ଆମର ଜୀବନଧାରଣ କ୍ଷମତା ନାଟକୀୟ ଭାବେ ବୃଦ୍ଧି ପାଇଛି । ତାହାର ପ୍ରମୁଖ କାରଣ ହେଉଛି ପରିମଳ, ସାର୍ବଜନୀନ ସ୍ୱାସ୍ଥ୍ୟସେବା ଓ ଔଷଧପତ୍ରରେ ଉନ୍ନତି ଯାହା ବିଶେଷ କରି ଯୁବପିଢ଼ିଙ୍କ ମୃତ୍ୟୁ ହାରକୁ କମାଇଦେଇଛି । ବିଂଶ ଶତାବ୍ଦୀରେ ଏପରି ହାରାହାରି ବୟସ ବୃଦ୍ଧି ମାନବଜାତିର ଅନ୍ୟତମ ଶ୍ରେଷ୍ଠ ଉପଲବ୍‌ଧି କହିଲେ ଅତ୍ୟୁକ୍ତି ହେବନାହିଁ । ତେବେ ‘ମୋଟ ବୟସ’ ବା ଜନ୍ମଠାରୁ ମୃତ୍ୟୁ ମଧ୍ୟରେ ରହିଥିବା ବୟସର ବ୍ୟବଧାନ ଏବଂ ‘ସ୍ୱାସ୍ଥ୍ୟ ବୟସ’ ବା ସୁସ୍ଥ ସବଳ ହୋଇ ବଂଚି ରହିବାର ଅବଧି ଭିତରେ ପାର୍ଥକ୍ୟ ରହିଛି ।

ବୟସ୍କ ଲୋକମାନେ ସାଧାରଣତଃ ଦୁର୍ବଳ ସ୍ୱାସ୍ଥ୍ୟ ସହ ଅଧିକ ସମୟ ବିତାଉଛନ୍ତି, ଯାହା ଏକ ପ୍ରମୁଖ ସ୍ୱାସ୍ଥ୍ୟ ବୋଝକୁ ଇଙ୍ଗିତ କରୁଛି । ପରିଣତ ବୟସରେ ଏକ ସ୍ୱାଧୀନ ଜୀବନଶୈଳୀ ବିତାଇବା ହିଁ ଜଣକର ଜୀବନର ମାନକୁ ଉଚ୍ଚ ରଖିଥାଏ । ତେବେ ବୟସ୍କଙ୍କର ମାଂସପେଶୀ, ତାହାର ଦୃଢ଼ତା ଓ କ୍ରିୟାଶୀଳତାରେ ଅବନତି ହେଉଛି ବୟସ୍କ ଲୋକଙ୍କ ‘ସ୍ୱାସ୍ଥ୍ୟ ବୟସ’ ହ୍ରାସର ପ୍ରମୁଖ କାରଣ । ମନୁଷ୍ୟର ଅଙ୍ଗଭଙ୍ଗୀ ଓ ଚଳପ୍ରଚଳନରେ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ମାଂସପେଶୀ ଶରୀରର ସମଗ୍ର ଗଠନରେ ଅବଦାନ ରଖିବା ସହ ଶର୍କରା ଓ ଚର୍ବିର ଏକ ଗୁରୁତ୍ୱପୂର୍ଣ୍ଣ ଭଣ୍ଡାର ସାଜିଥାଏ । ଆମେ ବୟସର ପଂଚଦଶକରେ ଉପନୀତ ହେଲା ପରେ ଆମର ମାଂସପେଶୀଗୁଡ଼ିକ ବର୍ଷକୁ ଏକ ପ୍ରତିଶତ ହାରରେ କ୍ଷୟପ୍ରାପ୍ତ ହେବାକୁ ଲାଗିଥାଏ ଏବଂ ତାହାର ଦୃଢ଼ତା ବର୍ଷକୁ ତିନି ପ୍ରତିଶତ ହାରରେ କମିଥାଏ । ଏହା ଶରୀରରେ ବିଭିନ୍ନ ପ୍ରକାର ନକାରାତ୍ମକ ପରିବର୍ତନ ଘଟାଇଥାଏ । ସୁତରାଂ ଜଣକର ସ୍ୱାସ୍ଥ୍ୟ ବୟସ ବଜାୟ ରଖିବା ବା ପରିବର୍ଦ୍ଧିତ କରିବା ପାଇଁ ଆମର ମାଂସପେଶୀ ଓ ତାହାର ଦୃଢ଼ତାକୁ ବଜାୟ ରଖିବାକୁ ହେବ ।

# ଶୀତଦିନେ ଖାଆନ୍ତୁ ମୂଳା ପତ୍ର, ମିଳିବ ଅନେକ ରୋଗରୁ ମୁକ୍ତି

**ଶୀତ ଦିନେ ବଜାରରେ ମୂଳା ଓ ଏହାର ପତ୍ର ପ୍ରବଳ ମାତ୍ରାରେ ମିଳିଥାଏ । ଏହି ଶୀତ ଦିନିଆ ପରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହୋଇଥାଏ । ଜାଣନ୍ତୁ ମୂଳା ପତ୍ର ଖାଇବା ଦ୍ୱାରା କଣ ଫାଇଦା ମିଳିଥାଏ...**

ମୂଳା ଓ ଏହାର ପତ୍ର ଅତ୍ୟନ୍ତ ପୁଷ୍ଟିକର ପରିବା ବୋଲି ସମସ୍ତେ ଜାଣନ୍ତି । ଏମିତିରେ ଶୀତ ଦିନେ ବଜାରରେ ମୂଳା ଓ ଏହାର ପତ୍ର ପ୍ରବଳ ମାତ୍ରାରେ ମିଳିଥାଏ । ଏହି ଶୀତ ଦିନିଆ ପରିବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହୋଇଥାଏ । ଏଥିରେ ଥିବା ପୋଷଣ ତତ୍ୱ ଅନେକ ରୋଗରୁ ରକ୍ଷା କରିଥାଏ । ତେବେ ଅନେକ ଲୋକ ମୂଳା ଖାଇବାକୁ ପସନ୍ଦ କରନ୍ତି । କିଛି ଲୋକ ମୂଳାକୁ ସାଲାଡ ରୂପେ ଖାଇଥାନ୍ତି ତ ଆଉ କେହି ମୂଳା ପତ୍ରକୁ ତରକାରୀ ଓ ଭଜା ଭାବେ ଖାଇବାକୁ ଭଲ ପାଆନ୍ତି । ଏମିତି ବି କିଛି ଲୋକ ଅଛନ୍ତି ଯାହାଙ୍କୁ ମୂଳା ଖାଇବା ଆଦୌ ପସନ୍ଦ ନୁହେଁ । ହେଲେ ଏହାର ଶରୀର ପ୍ରତି ଥିବା ଲାଭକୁ ଜାଣିଲେ ଆପଣ ବି ପ୍ରତିଦିନ ମୂଳା ପତ୍ର ଖାଇବା ଆରମ୍ଭ କରିବେ । ମୂଳା ପତ୍ରରେ ଭିଟାମିନ ଏ, ବି, ସି ସହିତ କ୍ୟାଲସିୟମ, ଆଇରନ, ମ୍ୟାଗ୍ନିସିୟମ, ଜିଙ୍କ, ପୋଟାସିୟମ, ଫସଫରସ ଭଳି ମିନେରାଲ ରହିଛି ଯାହା ଆମର ସ୍ୱାସ୍ଥ୍ୟ ପକ୍ଷେ ଖୁବ୍ ଲାଭାଦୟକ ହୋଇଥାଏ । ହଜମ କରିବାରେ ସାହାଯ୍ୟ କରେ: ମୂଳା ଅନେକ ପୋଷକ ତତ୍ୱର ଭଣ୍ଡାର ରହିଛି । ବିଶେଷ କରି ଏଥିରେ ଫାଇବର ଭରପୂର ମିଳିଥାଏ । ଏହା ଆପଣଙ୍କ ହଜମ କରିବା ପ୍ରକ୍ରିୟାକୁ ଉନ୍ନତ କରି କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ ।

ମଧୁମେହକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ: ମଧୁମେହ ନିୟନ୍ତ୍ରଣ: ମଧୁମେହକୁ ନିୟନ୍ତ୍ରଣ କରିବାରେ ମୂଳା ପତ୍ର ବେଶ୍ ଉପଯୋଗୀ ହୋଇଥାଏ । ମୂଳା ପତ୍ରରେ ଭରପୂର ଫାଇବର ମିଳିଥାଏ । ଏହା ଇନସୁଲିନ ସ୍ତରକୁ ସନ୍ତୁଳିତ କରି ମଧୁମେହ ନିୟନ୍ତ୍ରଣରେ ସାହାଯ୍ୟ କରିଥାଏ । ତେଣୁ ମଧୁମେହ ରୋଗୀଙ୍କୁ ନିୟମିତ ମୂଳା ପତ୍ର ଖାଇବାକୁ ପରାମର୍ଶ ଦିଆଯାଇଥାଏ ।

ହାଡକୁ ମଜଭୁତ କରେ: ମୂଳା ପତ୍ରରେ କ୍ୟାଲସିୟମ ଓ ଅନ୍ୟ ଖଣିଜ ସାର ରହିଥାଏ । ଏହା ଆପଣଙ୍କ ହାଡକୁ ସୁସ୍ଥ ଓ ମଜଭୁତ ରଖିବାରେ ସହାୟକ ହୋଇଥାଏ । ତେଣୁ ମୂଳା ପତ୍ର ନିହାତ ଆବଶ୍ୟକ ରହିଛି ।

ଓଜନ ହ୍ରାସ କରିବାରେ ସାହାଯ୍ୟ କରେ: ଓଜନ ନିୟନ୍ତ୍ରଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିୟମିତ ମୂଳା ପତ୍ର ଖାଇବା ଭଲ । କାରଣ ଏଥିରେ କମ୍ କ୍ୟାଲୋରୀ ଓ ଅଧିକ ଫାଇବର ଥାଏ । ହାଇ ଫାଇବରଯୁକ୍ତ ଖାଦ୍ୟ ଅଧିକ ସମୟ ପର୍ଯ୍ୟନ୍ତ ପେଟକୁ ପୂର୍ଣ୍ଣ ରଖିଥାଏ ଓ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିଥାଏ । ଯାହାକି ଓଜନ ନିୟନ୍ତ୍ରଣରେ ସହାୟକ ହୋଇଥାଏ ।



ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ: ମୂଳାପତ୍ରରେ ଥିବା ଜରୁରୀ ପୋଷଣ ତତ୍ୱ ଇମ୍ୟୁନିଟି ସିଷ୍ଟିମକୁ ମଜଭୁତ କରେ । ଫଳରେ ଶୀତ ଦିନେ ହେଉଥିବା ଥଣ୍ଡା, କାଶ ସମେତ ବିଭିନ୍ନ ସଂକ୍ରମଣରୁ ରକ୍ଷା ମିଳିଥାଏ । ଏହା ଆମର ମସ୍ତିଷ୍କ ଓ ହୃଦୟ ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ ହୋଇଥାଏ । ମୂଳା ପତ୍ରରେ ନାଇଟ୍ରେଟ ଥାଏ ଯାହାକି ମସ୍ତିଷ୍କର କାର୍ଯ୍ୟପ୍ରଣାଳୀରେ ସୁଧାର ଆଣିପାରେ ।

# ବିହାର ରାଜ୍ୟର ମିଥିଳାଠାରେ 'ରାଷ୍ଟ୍ରୀୟ ସେବାରତ୍ନ ସମ୍ମାନ ୨୦୨୫'ରେ ସମ୍ମାନିତ ହେଲେ ଓଡ଼ିଶାର ରକ୍ତବୀର ଡଃ ନିରୋଜ କୁମାର ପୋଥାଳ

ଭୁବନେଶ୍ୱର: ବିହାର ରାଜ୍ୟର ମିଥିଳା ଠାରେ ସମର୍ପଣ ମିଥିଳା ତରଫ ରୁ ଦଲାନ ରିସୋର୍ଟ ରେ ଏକ ଦ୍ୱିଦିବସୀୟ ରକ୍ତଦାନ ଶିବିର ସହିତ ରାଷ୍ଟ୍ରୀୟ ରକ୍ତଦାତା ପ୍ରତିନିଧି ସମ୍ମିଳନୀ ଆୟୋଜନ ହୋଇଥିଲା ।ଏହି ରକ୍ତଦାତା ପ୍ରତିନିଧି ସମ୍ମିଳନୀ ରେ ଦେଶ ର ସମସ୍ତ ରାଜ୍ୟ ରୁ ନିୟମିତ ରକ୍ତଦାତା ଓ ରକ୍ତଦାନ ଶିବିର ର ଆୟଜୋକ ମାନଙ୍କୁ ନିମନ୍ତ୍ରଣ କରାଯାଇ ଥିଲା । ଓଡ଼ିଶା ର ନିୟମିତ ରକ୍ତ ଓ ପ୍ଲେଟ୍ଲେଟ ଦାତା ଡଃ ନିରୋଜ କୁମାର ପୋଥାଳ ଙ୍କୁ ଚୟନ ପୂର୍ବକ ନିମନ୍ତ୍ରଣ କରାଯାଇଥିଲା ଡଃ ନିରୋଜ ଏହି ରାଷ୍ଟ୍ରୀୟ ରକ୍ତଦାତା ସମ୍ମିଳନୀ ରେ ଉପସ୍ଥିତ ରହି ନିଜ ର ଉଦବୋଧନ ରେ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବା ସହିତ ରକ୍ତଦାନ ର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ । ଡଃ ନିରୋଜ କୁମାର ପୋଥାଳ ଆଜି କୁ ୧୨୨ ଥର ନିଜର ରକ୍ତଦାନ କରି ସାରିଛନ୍ତି ଓ ବିଭିନ୍ନ ରକ୍ତଦାନ ଶିବିର ରେ ରକ୍ତଦାତା ମାନଙ୍କୁ ନିଜର ଜନ୍ମଦିନ, ବିବାହ ବାର୍ଷିକୀ ଓ ଯେ କୌଣସି ଶୁଭ କର୍ମ ରେ ନିଜ ର ରକ୍ତଦାନ ଭଳି ମହତ୍ କାର୍ଯ୍ୟ କରି ଜଣକ ଅମୂଲ୍ୟ ଜୀବନ ରକ୍ଷା କରିବା ପାଇଁ ଅନୁରୋଧ କରିଥିଲେ । ରକ୍ତଦାନ ବିଶ୍ୱ ର ସର୍ବଶ୍ରେଷ୍ଠ ସେବା କାର୍ଯ୍ୟ ଅଟେ ବୋଲି ସେ ନିଜର ମତ ପ୍ରକାଶ କରିଥିଲେ । ଏହି ରାଷ୍ଟ୍ରୀୟ ରକ୍ତଦାତା ପ୍ରତିନିଧି ସମ୍ମିଳନୀ ରେ ଓଡ଼ିଶା ରୁ ଉତ୍କୃଷ୍ଟ ସେବା ଓ ନିୟମିତ ରକ୍ତଦାନ ପାଇଁ ଡଃ ନିରୋଜ କୁମାର ପୋଥାଳ ଙ୍କୁ 'ରାଷ୍ଟ୍ରୀୟ ସେବା ରତ୍ନ ସମ୍ମାନ ୨୦୨୫' ରେ ସମ୍ମାନିତ କରାଯାଇଥିଲା । ଏହି ସମ୍ମାନ ଉତ୍ସବ ରେ ସମର୍ପଣ ମିଥିଳା ର ରାଷ୍ଟ୍ରୀୟ ଅଧକ୍ଷ ଡଃ ମୃଦୁଳ କୁମାର ଶୁକ୍ଲା, ରାଷ୍ଟ୍ରୀୟ ସଚିବ ଦୀପକ କୁମାର ମୋହଥା, ପାଟନା ନିରାମୟା ବ୍ଲଡ୍ ବ୍ୟାଙ୍କ ର ପ୍ରତିଷ୍ଠାତା ଓ ପରିଚାଳକ ଡଃ ରାକେଶ ରଞ୍ଜନ, ରଞ୍ଜିତ ଶ୍ରୀବାସ୍ତବ ପ୍ରମୁଖ ଯୋଗ ଦେଇ ଏହି ସେବା ସମ୍ମାନ ପ୍ରଦାନ କରିଥିଲେ । ଡଃ ନିରୋଜ ଏହି 'ରାଷ୍ଟ୍ରୀୟ ସେବା ରତ୍ନ ସମ୍ମାନ ୨୦୨୫' ପାଇବା ପରେ ବିଭିନ୍ନ ମହଲ ରୁ ପ୍ରଶଂସା ର ସୁଅ ଛୁଟିଛି ।

# ଦିନିକିଆ ନୂଆପଡା ଗସ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ



ନୂଆପଡା: ଦିନିକିଆ ନୂଆପଡା ଜ଼ିଲ୍ଲା ଗସ୍ତରେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗତକାଲି ରାତ୍ର ସମୟରେ ନୂଆପଡା ସଦର ମହୁକୁମା ସ୍ଥିତ ସର୍କିଟ ହାଉସ ରେ ପହଂଚି ସେଠାରେ ରହିବା ସହ ଲୋକଙ୍କ ଅଭିଯୋଗ ଶୁଣିଥିଲେ ପରେ ଆଜି ସକାଳେ ଜ଼ିଲ୍ଲା ପ୍ରଶାସନ ସହ ବୈଠକ କରି ଲୋକଙ୍କ ସମସ୍ୟା ଦୂରୀଭୂତ ସହ ଜ଼ିଲ୍ଲା ସମସ୍ୟା ଉପରେ ଆଲୋକପାତ କରିଥିଲେ ପରେ ଅପରାହ୍ନ ୩ ଟା ସମୟରେ ଖରିଆର ପହଂଚି କୌଶଲ୍ୟା ମଣ୍ଡପ ଠାରେ ଜ଼ିଲ୍ଲା ବିଜେପି କର୍ମକର୍ତା ଙ୍କ ଦ୍ୱାରା ଆୟୋଜିତ ସଭାରେ ଯୋଗଦାନ କରିଥିଲେ ଉକ୍ତ ସଭାରେ ତାଙ୍କ ସହ ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ବର୍ତମାନ ସାଂସଦ ମାଳବିକା ସିଂ ଦେବି, ହିତେଶ ବଗର୍ତି, ଦ୍ୱେଦେବ ସିଂ ଦେଓ, ଅଜିତ ଚଳାନ, ଅଭିନନ୍ଦନ ପଣ୍ଡା ସହ ନୂତନ ମଣ୍ଡଳ ସଭାପତି ମାନେ ମଂଚାସୀନ ଥିଲେ ଏହି ମଂଚକୁ ଜ଼ିଲ୍ଲା ସଭାପତି ପରିଚାଳନା କରିଥିଲେ ମନ୍ତ୍ରୀ ରାଜ୍ୟ ସରକାରଙ୍କ ଗୁଣଗାଣ କରିବା ସହ ଜ଼ିଲ୍ଲାରେ ବିଜେପି କୁ ମଜବୁତ କରିବାକୁ କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ, ପରେ ପୂର୍ବତନ ଖରିଆର ବିଧାୟକ ହିତେଶ ବଗର୍ତୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୁନିଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ



ମୁନିଗୁଡ଼ା: ମୁନିଗୁଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀର୍ଘ ଆଠ ଦିନ ଧରି ଚାଲିଥିବା ଆତ୍ମରକ୍ଷା କୌଶଳ ଶିବିର ଆଜି ଉଦଯାପିତ ହୋଇଯାଇଛି । ଏହି ଶିବିରରେ ତାଲିମପ୍ରାପ୍ତ ପ୍ରଶିକ୍ଷିକା କୁମାରୀ କିରଣ ପ୍ରଧାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୪୦ ଜଣ ଛାତ୍ରୀ ଅଂଶ ଗ୍ରହଣ କରି ପ୍ରଶିକ୍ଷଣ ପାଇଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପିକା ସୁଶ୍ରୀ ରିନା ଗାଇଗୌରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମର ପୂର୍ଣ୍ଣ ସଂଯୋଜନା କରିଥିଲେ । ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ କଲ୍ୟାଣୀ ପାଢ଼ୀ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପାଇଁ ପ୍ରେରଣା ପ୍ରଦାନ କରିଥିଲେ । ଏହି ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଶ୍ରୀ ଚତୁର୍ଭୁଜ ବନଛର ଛାତ୍ରୀ ମାନଙ୍କୁ ଦୈନନ୍ଦିନ ଜୀବନରେ ଆତ୍ମରକ୍ଷାର ଆବଶ୍ୟକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବଦଳୁଥିବା ସମାଜରେ ପ୍ରତିଦିନ ଘଟୁଥିବା ଅନୈତିକ ତଥା ଅସାମାଜିକ କାର୍ଯ୍ୟକଳାପକୁ ପ୍ରତ୍ୟକ୍ଷ ମୁକାବିଲା କରିବା ପାଇଁ ଆତ୍ମରକ୍ଷା କୌଶଳର ତାଲିମ ପ୍ରତ୍ୟେକ ଛାତ୍ରୀ ମାନଙ୍କ ପାଇଁ ଅତ୍ୟାବଶ୍ୟକ ବୋଲି ଶ୍ରୀ ବନଛର ଛାତ୍ରୀମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଜନୀତି ବିଭାଗର ଅଧ୍ୟାପକ ଶ୍ରୀ ରମ୍ୟରଞ୍ଜନ ମିଶ୍ର ଭାରତୀୟ ଇତିହାସରୁ ବୀରା ରମଣୀ ମାନଙ୍କ ଉଦାହରଣ ଦେଇ ଭାରତୀୟ ନାରୀର ବୀରତ୍ୱର ଗାଥା ର ଉଦାହରଣ ଦେଇ ଛାତ୍ରୀ ମାନଙ୍କୁ ସାହସୀ ହେବା ପାଇଁ ଉତ୍ସାହିତ କରିଥିଲେ । ଅନ୍ୟାନ୍ୟ କର୍ମକର୍ତାଙ୍କ ଅଧାପକ ଶ୍ରୀ ଅର୍ଜ୍ଜୁନ ପଣ୍ଡା, ରଘୁନାଥ ରେଡ୍ଡୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ ।

## ପରିବାରର ପ୍ରତ୍ୟେକ ...

କେଉଁ ସୁବିଧା ପାଇବେ ତାହାକୁ ନେଇ ତୃଣମୂଳସ୍ତରରେ ଆଲୋଚନା ଆରମ୍ଭ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ରାଜ୍ୟ ସରକାରଙ୍କ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' (ଜିଜେଏୱାଇ) ଓ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'ର ମିଶ୍ରଣ ହେବ । ଆୟୁଷ୍ମାନ ଭାରତ ଯୋଜନାରେ ରାଜ୍ୟର ୧.୦୩କୋଟି ପରିବାରଙ୍କୁ ଚିକିତ୍ସା ସୁବିଧା ମିଳିବ । ତହିଁରୁ ୬୭ଲକ୍ଷ ହିତାଧିକାରୀ ଆୟୁଷ୍ମାନ ଭାରତ ଓ ବଳକା ୩୩ଲକ୍ଷରୁ ଅଧିକ ହିତାଧିକାରୀ ଜିଜେଏୱାଇରେ ସାମିଲ ହେବେ । ମାତ୍ର ସମସ୍ତ କୋଟିଏ ହିତାଧିକାରୀଙ୍କୁ ଗୋଟିଏ ପ୍ରକାରର ଦିଆଯିବ । ପୁରୁଷଙ୍କୁ ୫ଲକ୍ଷ ଓ ମହିଳା ସଦସ୍ୟଙ୍କୁ ୧୦ଲକ୍ଷ ଚିକିତ୍ସା ସୁବିଧା ମିଳିବ । ପୂର୍ବରୁ ଗୋଟିଏ ପରିବାରର ହିତାଧିକାରୀଙ୍କୁ ଦୁଇଟି କାର୍ଡ ଦିଆଯାଉଥିଲା । ମାତ୍ର ଆୟୁଷ୍ମାନ ଭାରତ ଯୋଜନାରେ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଗୋଟିଏ ଲେଖାଏ କାର୍ଡ ଦିଆଯିବ । ଯାହାଫଳରେ ପରିବାରର ଜଣେ ବ୍ୟକ୍ତି ଯେକୌଣସି ସ୍ଥାନରେ ଥିଲେ ମଧ ଏହି ସୁବିଧା ପାଇପାରିବେ । ଦେଶବ୍ୟାପୀ ୩୦ହଜାର ଡାକ୍ତରଖାନାରେ ଏହି କାର୍ଡ ଜରିଆରେ ରୋଗୀ ଚିକିତ୍ସା ପାଇପାରିବେ । ଯାହାଫଳରେ ରାଜ୍ୟ ସରକାରଙ୍କ ଜିଜେଏୱାଇ ଚିକିତ୍ସା ଖର୍ଚ୍ଚ ହ୍ରାସ ପାଇବ । ପୂର୍ବର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ବା ବର୍ତମାନର ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା (ଜିଜେଏୱାଇ)ରେ ରାଜ୍ୟ ବାହାରର ପ୍ରାୟ ୧୫୦ ଡାକ୍ତରଖାନା ଅନୁବନ୍ଧିତ ହୋଇଥିଲେ । 'ଆୟୁଷ୍ମାନ ଭାରତ' ଲାଗୁ ହେବା ପରେ ଏସବୁ ହସ୍ପିଟାଲ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନାରୁ ବାଦ୍ ପଡ଼ିବେ । ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀଙ୍କ କହିବା କଥା, ଆୟୁଷ୍ମାନ ଭାରତ ଯୋଜନାରେ ୭୦ବର୍ଷରୁ ଅଧିକ ବୟସର ଲୋକଙ୍କୁ ଚିକିତ୍ସା ସୁବିଧା ମିଳିବ । ରାଜ୍ୟରେ ୨୩ଲକ୍ଷରୁ ଅଧିକ ଏହି ବର୍ଗର ଲୋକ ଥିବା ଅନୁମାନ କରାଯାଉଛି । ୭୦ବର୍ଷରୁ ଅଧିକ ବୟସର ଲୋକଙ୍କୁ ଚିକିତ୍ସା ଦେବା ପାଇଁ ଆୟୁଷ୍ମାନ ବୟସ୍କ ବନ୍ଦନା ଯୋଜନା କାର୍ଯ୍ୟକାରୀ ହୋଇଛି । ବୟସ୍କ ଲୋକମାନେ ନିଜର ଆଧାର କାର୍ଡ ସହ କେନ୍ଦ୍ର ସରକାରଙ୍କ ପୋର୍ଟାଲରେ ଏଥିପାଇଁ ଆବେଦନ କରିବାକୁ ପଡ଼ିବ । ଆଧାର କାର୍ଡରେ ବୟସ ଠିକ୍ ଥିଲେ ତାଙ୍କୁ ୫ଲକ୍ଷ ଚିକିତ୍ସା ସୁବିଧା ମିଳିପାରିବ । କାରଣ ଏହି ସୁବିଧା ପାଇଁ ରାସନ କାର୍ଡ କିମ୍ବା ଅନ୍ୟ କଟକଣା ନାହିଁ । ସରକାରଙ୍କ ପାଖରେ ମଧ ଏହି ବର୍ଗର ଲୋକଙ୍କ କୌଣସି ଡାଟାବେସ୍ ନାହିଁ । ତେଣୁ ୭୦ବର୍ଷରୁ ଅଧିକ ସମସ୍ତ ବ୍ୟକ୍ତି ଯଦି ସ୍ୱାସ୍ଥ୍ୟ ବୀମା ସୁବିଧା ପାଇବା ଲାଗି ଚାହିଁବେ ପୋର୍ଟାଲରେ ଆବେଦନ କରି ଏହି ସୁବିଧା ପାଇପାରିବେ । ସେହିପରି ପୂର୍ବର ବିଏସ୍‌କେୱାଇରେ ଅନୁବନ୍ଧିତ ହସ୍ପିଟାଲମାନଙ୍କୁ ଯେତିକି ସଂଖ୍ୟକ ରୋଗୀ ଚିକିତ୍ସା କରିଛନ୍ତି ତାହାର ଯାଂଚର ମାସକ ପରେ ଅର୍ଥ ଦିଆଯାଉଥିଲା । ଅର୍ଥାତ୍ ହସ୍ପିଟାଲମାନେ ଚିକିତ୍ସା ବାବଦ ଅର୍ଥ ପାଇଲା ବେଳକୁ ପ୍ରାୟ ଦେଢ଼ ମାସ ଲାଗି ଯାଉଥିଲା । ମାତ୍ର ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହେବା ପରେ କ୍ଲେମ୍ ବା ରୋଗୀ ଚିକିତ୍ସା ଅନୁଯାୟୀ ତୁରନ୍ତ ଅର୍ଥ ମିଳିବ । ଡାକ୍ତରଖାନାମାନେ ଆବଶ୍ୟକ ପଡ଼ିଲେ ଗୋଟିଏ ମାସରେ ଏକାଧିକ ଥର କ୍ଲେମ୍ କରିପାରିବେ । ପୂର୍ବ ତୁଳନାରେ କମ୍ ଦିନରେ ହସ୍ପିଟାଲମାନେ ସେମାନଙ୍କ ଚିକିତ୍ସା ବାବଦ ଅର୍ଥ ପାଇବେ ବୋଲି ସୂଚନା ମିଳିଛି । ସ୍ୱାସ୍ଥ୍ୟ ବୀମା ଯୋଜନାରେ ଡାକ୍ତରଖାନାମାନେ ମନଇଚ୍ଛା ଓ ଅନେକ ଜାଲ୍ ବିଲିଂ କରୁଥିବା ଅଭିଯୋଗ ହୋଇଆସୁଛି । ଏହାକୁ ରୋକିବା ପାଇଁ ରାଜ୍ୟରେ ଏକ ଠକେଇ ନିରୋଧୀ ୟୁନିଟ୍(ଏସ୍‌ଏଏଫ୍‌ୟୁ) ଗଠନ କରାଯିବ । ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଅନେକ କର୍ମଚାରୀଙ୍କୁ ଏହି ୟୁନିଟ୍‌ରେ ରଖାଯିବ । ସେମାନେ ହସ୍ପିଟାଲମାନଙ୍କରୁ ଆସୁଥିବା ବିଲ୍‌ର ଯାଂଚ କରିବେ । ଏହା ସହ ଜିଲ୍ଲାସ୍ତରରେ ଜିଲ୍ଲା ଭିଜିଲାନ୍‌ସ ୟୁନିଟ୍ ମଧ ଗଠନ କରାଯିବ । ଡାକ୍ତରଖାନାଙ୍କ ସନ୍ଦିଗ୍ଧ କ୍ଲେମ୍ ଗୁଡ଼ିକର ଯାଂଚ ପାଇଁ ଏଆଇ ସହାୟତା ନିଆଯିବ । ଏଆଇ ସଫ୍‌ଟୱେର ଜରିଆରେ ଯାଂଚ କରାଯାଇ ଟଙ୍କା ପୈଠ କରାଯିବ ବୋଲି ସୂଚନା ମିଳିଛି ।

## ଗାଡ଼ିର ବୀମା ନଥିଲେ...

ବୈଧ ବୀମାଭୁକ୍ତ ହେବା ବାଧ୍ୟତାମୂଳକ । ଏହାର ଉଲ୍ଲଙ୍ଘନ କଲେ ଧାରା ୧୯୬ ଅନୁଯାୟୀ ୨ ହଜାର ଟଙ୍କା ଜରିମାନା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ୍ କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି । ଏଭଳି ବରମ୍ବାର ନିୟମ ଉଲ୍ଲଂଘନ କଲେ ଜରିମାନା ରାଶି ୪ ହଜାର ଟଙ୍କା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ୍ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବାର ବ୍ୟବସ୍ଥା ବି ରହିଛି । ଅନେକ ଘରୋଇ ଓ ବ୍ୟାବସାୟିକ ଗାଡ଼ି ନିୟମ ଉଲ୍ଲଙ୍ଘନ କରି ବୀମା କରୁନାହାନ୍ତି । ଫଳରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁରେ ମୃତକଙ୍କ ପରିବାର ଅନୁକମ୍ପାମୂଳକ ବୀମା ରାଶି ପାଇବାରୁ ବଂଚିତ ହେଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପରିବହନ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଇ- ଡିଟେକ୍ସନରେ ପରମିଟ୍, ଫିଟ୍‌ନେସ, ଟିକସ ନିୟମ ଉଲ୍ଲଂଘନକାରୀଙ୍କୁ ଟୋଲ୍‌ଗେଟ୍‌ରେ ଚିହ୍ନଟ କରାଯାଉଥିଲା । ଏବେ ବୀମା ନିୟମ ଉଲ୍ଲଂଘନକାରୀଙ୍କୁ ମଧ ଏହି ପ୍ରକ୍ରିୟାରେ ଚିହ୍ନଟ କରାଯିବ । ଏନ୍‌ଫୋର୍ସମେଂଟରେ ଆଧୁନିକ ଜ୍ଞାନକୌଶଳକୁ ଅଧିକ ବ୍ୟବହାର କରାଯିବାକୁ ନିଷ୍ପତି ହୋଇଛି । ତେଣୁ ଗାଡ଼ିର ବୀମା ନ ଥିଲେ ତୁରନ୍ତ ବୀମା କରାଇ ନେବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ପରାମର୍ଶ ଦିଆଯାଇଛି । ରାଜ୍ୟର ଏବେ ମୋଟ ୯୦ ଲକ୍ଷ ଗାଡ଼ି ପଞ୍ଜୀକରଣ ହୋଇ ସଡ଼କରେ ଚାଲୁଛି । କିନ୍ତୁ କେତେ ସଂଖ୍ୟାରେ ଗାଡ଼ିର ବୀମା ନାହିଁ, ସେ ସମ୍ପର୍କିତ ତଥ୍ୟ ପରିବହନ ବିଭାଗରେ ନାହିଁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା...

ବିକାଶର ଏକ ନୂତନ ପର୍ଯ୍ୟାୟ ପାଇଁ ଓଡ଼ିଶା ପ୍ରସ୍ତୁତ ହୋଇଛି ଏବଂ ଏହା ସକ୍ଷମକାରୀଙ୍କ ଉପରେ କାମ କରିବା ଠାରୁ ଆରମ୍ଭ ହୋଇଛି । ସକ୍ଷମକାରୀମାନେ ଭାରତ ବାୟୋଟେକ୍ ପରି କିଛି ବଡ କମ୍ପାନି ଆଣିଛନ୍ତି । ଯାହା ମୁଁ ବର୍ତମାନ ପରିଦର୍ଶନ କରିଥିଲି, ଏକ ଅତ୍ୟନ୍ତ ପ୍ରଭାବଶାଳୀ ନୂତନ ଉଦ୍ଭିଦ ପେଟ୍ରୋକେମିକାଲ୍ସ ପରି କେତେକ କ୍ଷେତ୍ରରେ ଓଡିଶା ଏକ ବୃହତ ଶିଳ୍ପ ପାର୍କ ଆରମ୍ଭ କରିବାକୁ ବହୁତ ଭଲ ଭାବରେ ସ୍ଥାନିତ ହୋଇଛି । ଉତ୍ପାଦନ, ଛୋଟ ଶିଳ୍ପ ଶିଳ୍ପ ପାର୍କ ପାଇଁ ସୁଯୋଗ ଥାଇପାରେ କିନ୍ତୁ ଏକ ସମୟରେ ସକ୍ଷମକାରୀଙ୍କ ବିକାଶ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ଆପଣଙ୍କୁ ସାମର୍ଥ୍ୟ ଏବଂ ଟ୍ରାକ୍ ରେକର୍ଡ ବିକାଶ କରିବାକୁ ପଡିବ ଯାହା ଆପଣଙ୍କୁ ବିକଶିତ କରିବାକୁ ସକ୍ଷମ କରିବ । ମୁଁ ନିଶ୍ଚିତ ଯେ, ଓଡିଶା ତାହା କରିପାରିବ ।

## ନୂଆ ମୋଡ଼ ନେଲା ନବ...

ଗୁଳି ଷ୍ଟକ୍ ହୋଇ ରୁହେ), ୩ଟି ଜୀବନ୍ତ ଗୁଳି ଜବତ କରାଯାଇଥିବା ଦର୍ଶାଯାଇଥିଲା । ଘଟଣାସ୍ଥଳରୁ ଏକ ଖୋକା ଓ ଏକ ଅବ୍ୟବହୃତ ଅକାମୀ ଗୁଳି ଜବତ କରାଯାଇଥିଲା ବୋଲି ଲେଖାଯାଇଛି । ଏହାସହିତ ଗୋଟିଏ ଗୁଳି ସେ ଶୂନ୍ୟରେ ଫୁଟାଇଥିବା ନେଇ ରିପୋର୍ଟରେ ଦର୍ଶାଯାଇଛି । ଅର୍ଥାତ୍ ଗୋପାଳ ବନ୍ଧୁକରେ ଥିବା ୬ଟି ଗୁଳିରୁ ୩ଟି ଅବ୍ୟବହୃତ ଅବସ୍ଥାରେ ଜବତ ହୋଇଥିବା ବେଳେ ବଳକା ୩ଟିରୁ ଗୋଟିଏ ନବ ଦାସଙ୍କ ଛାତିରେ, ଗୋଟିଏ ଅକାମୀ ଓ ଗୋଟିଏ ଶୂନ୍ୟକୁ ମରାଯାଇଥିଲା । କିନ୍ତୁ ଏସ୍‌ଏଫ୍‌ଏସ୍‌ଏଲ୍‌ର ରିପୋର୍ଟରେ ଭିନ୍ନ କଥା ବର୍ଣ୍ଣନା କରାଯାଇଛି । ଦ୍ୱିତୀୟ ଗାଡ଼ି ଯାହା ଏକ ଧଳା ରଙ୍ଗର ଇନୋଭା କାର ଥିଲା; ଏହାର ସମ୍ମୁଖ ପାର୍ଶ୍ୱରେ 'ଓଡ଼ିଶା ସରକାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ' ବୋଲି ଉଲ୍ଲେଖ ରହିଥିଲା । ୨୦୨୩ ଫେବ୍ରୁଆରି ୨ ସକାଳ ୯ଟା ସମୟରେ ମାମଲାର ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ଯାଂଚ ସମୟରେ ଏହି ଦ୍ୱିତୀୟ ଗାଡ଼ିରେ ୫ଟି (ଗନ୍ ସଟ୍ ହୋଲ୍) ଗୁଳି ଦ୍ୱାରା ହୋଇଥିବା କଣା ଦେଖିବାକୁ ମିଳିଥିଲା । କାରର ବାମପାର୍ଶ୍ୱରେ ଏହି ୫ଟି ଯାକ ଗୁଳି ବାଜିଥିଲେ ହେଁ ଏହି ଗୁଳିଗୁଡ଼ିକ କୁଆଡ଼େ ଗଲା ଓ ଗୁଳିର ଖୋକା କାହିଁକି ଘଟଣାସ୍ଥଳରୁ ମିଳିଲାନି ସେ ସମ୍ପର୍କରେ କ୍ରାଇମବ୍ରାଂଚ ନିଜ ରିପୋର୍ଟରେ କୌଣସି ତଥ୍ୟ ପ୍ରଦାନ କରିନି । ଗୋପାଳ ଦାସର ବନ୍ଧୁକରେ ଥିବା ସମସ୍ତ ଗୁଳିର ହିସାବ ମିଳୁଥିଲେ ହେଁ କେବଳ ନବ ଦାସଙ୍କ ଛାତିରେ ବାଜିଥିବା ଗୁଳିର ହିସାବ ମିଳିପାରିନି । ସେପଟେ, ପଛ କାରରେ ଆଉ ୫ଟି ଗୁଳି ବାଜିଥିଲେ ହେଁ ଉକ୍ତ ଗୁଳିର ଖୋକା ମିଳିପାରିନି । ଏଭଳି ସ୍ଥିତିରେ ନବ ଦାସଙ୍କୁ କେଉଁ ବନ୍ଧୁକରୁ ଗୁଳି ବାଜିଛି ତାହା ବର୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି । ପଛ ଗାଡ଼ିଟି ସରକାରୀ ଥିବାବେଳେ ସେହି ଗାଡ଼ିରେ ନବ ଦାସ ଥିବା ଅନୁମାନ କରି ଗୁଳି ବର୍ଷା କରାଯାଇଥିଲା କି ? କେତୋଟି ବନ୍ଧୁକ ପ୍ରକୃତରେ ବ୍ୟବହାର କରାଯାଇଥିଲା ? ଘଟଣାସ୍ଥଳରେ ଏତେ ଗୁଳିମାଡ଼ ହେବା ପରେ କେହି କେମିତି କିଛି ଜାଣିପାରି ନ ଥିଲେ ଆଦି ଅନେକ ପ୍ରଶ୍ନ ଏବେ ବି ଅସମାହିତ ହୋଇ ରହିଛି । ସେପଟେ, ଘଟଣା ସମୟରେ ନବ ଦାସଙ୍କୁ ଆହତ ଅବସ୍ଥାରେ ଉଠାଇ କାର ଭିତରକୁ ନେଇଥିବା ଦ୍ୱାରିକାନାଥ ପଣ୍ଡା ଓ ଶୁଭେନ୍ଦୁ ପଟ୍ଟନାୟକଙ୍କ ପୋଷାକ, ନବ ଦାସଙ୍କ ବେକରେ ପଡ଼ିଥିବା ଫୁଲ ମାଳ, ତାଙ୍କ ଚପଲକୁ କ୍ରାଇମବ୍ରାଂଚ ଜବତ କରିଥିଲା ବେଳେ ଘଟଣା ସମୟରେ ନବ ଦାସ ପିନ୍ଧିଥିବା ସାର୍ଟ, ବସିଥିବା କାର ସିଟ୍ ?ର ରକ୍ତଭିଜା ଟରକିସ୍ ସିଜର ଲିଷ୍ଟରେ ନଥିଲା । ନବ ଦାସଙ୍କ ହତ୍ୟାରେ ଏକାଧିକ ବନ୍ଧୁକ ବ୍ୟବହାର ହୋଇଥିବା ତଥ୍ୟ ପଦାକୁ ଆସିବା ପରେ ଚାଂଚଲ୍ୟକର ସ୍ଥିତି ସୃଷ୍ଟି ହୋଇଛି । ଗୋପାଳଙ୍କ ସହ ଆଉ କେଉଁମାନେ ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଥିଲେ ? ହତ୍ୟା ପାଇଁ କିଏ ସୁପାରି ଦେଇଥିଲା ? ଏଭଳି ଅନେକ ପ୍ରଶ୍ନ ସମନାକୁ ଆସୁଛି ।

## କିଏ ହେବ ରାଜ୍ୟ...

ବେଳେ ଆଜି ମନମୋହନ ସାମଲ ମଧ ଦିଲ୍ଲୀରୁ ଭୁବନେଶ୍ୱର ଫେରିଛନ୍ତି । ତେଣୁ ରାଜନୈତିକ କରିଡରରେ ରାଜ୍ୟ ବିଜେପି ମୁଖିଆ ଚୟନକୁ ନେଇ ପୁଣିଥରେ ବଢିଛି ଚର୍ଚ୍ଚା । ତେବେ ସାଂଗଠନିକ କାର୍ଯ୍ୟକର୍ତାଙ୍କ ମତାମତ ଦିଲ୍ଲୀ ଯାଇ ସାରିଥିବାରୁ ଖୁବଶୀଘ୍ର ଜଣେ ଯୋଗ୍ୟ ବ୍ୟକ୍ତିଙ୍କୁ କେନ୍ଦ୍ରୀୟ ନେତୃତ୍ୱ ବାଛିବେ ବୋଲି ଦଳୀୟ ନେତା ଆଶା ରଖିଛନ୍ତି । ଅନ୍ୟପଟେ ଦଳୀୟ ସମ୍ବିଧାନ ଅନୁଯାୟୀ ଜଣେ ବ୍ୟକ୍ତି ୨ଥର ସଭାପତି ହେବାରେ କୌଣସି ଅସୁବିଧା ନାହିଁ ବୋଲି ଖୋଦ୍ ମନମୋହନ କହିବା ପରେ, ସେ ପୁଣି ରିପିଟ୍ ହୋଇପାରନ୍ତି ବୋଲି ଅନୁମାନ କରୁଛନ୍ତି ରାଜନୀତି ସମୀକ୍ଷକ । ଦଳର ସମସ୍ତ ମଣ୍ଡଳ ସଭାପତି ନିର୍ବାଚନ ଶେଷ ହୋଇ ସାରିଥିବା ବେଳେ ବିଭିନ୍ନ ଚର୍ଚ୍ଚା ଆଲୋଚନା ଭିତରେ ଭାରତୀୟ ଜନତା ପାର୍ଟିର ନୂଆ ରାଜ୍ୟ ସଭାପତିଙ୍କ ନାଁ ଘୋଷଣାରେ ବିଳମ୍ବକୁ ନେଇ ସସପେନସ୍ ବି ବଢୁଛି । ତେବେ ପୂର୍ବରୁ ଗତ ୧୫ ତାରିଖ ସୁଦ୍ଧା ଜିଲ୍ଲା ସଭାପତି ନିର୍ବାଚନ ସରିବାକୁ ଦିନ ଧାର୍ଯ୍ୟ ହୋଇଥିଲେ ମଧ ସେଥିରେ ମଧ ବିଳମ୍ବ ଘଟୁଛି । ବିଜେପି ନେତ୍ରୀ କୁସୁମ ଟେଟେଙ୍କ କହିବା ଅନୁସାରେ ରାଜ୍ୟ ସଭାପତି ଚୟନରେ ପ୍ରବାସୀ ଭାରତୀୟ ସମ୍ମିଳନୀ ସାମାନ୍ୟ ପ୍ରତିବନ୍ଧକ ସାଜିଥିଲା । ସାଂଗଠନିକ ମୁଖ୍ୟ ମାନେ ସେମାନଙ୍କ ମତାମତ ଦେଇ ସାରିଛନ୍ତି । କେନ୍ଦ୍ରୀୟ ନେତୃତ୍ୱ ଖୁବଶୀଘ୍ର ଯୋଗ୍ୟ ବ୍ୟକ୍ତି ଦେଖି ନାଁ ଘୋଷଣା କରିବେ । ସେପଟେ ଦିଲ୍ଲୀରେ ପାଖାପାଖି ସପ୍ତାହେ ହେବ ଡେରା ପକାଇବା ପରେ ଆଜି ଭୁବନେଶ୍ୱର ଫେରିଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ । ଯଦିଓ ନୂଆ ସଭାପତି କିଏ ହେବେ, ସେ ନେଇ ସେ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି । କିନ୍ତୁ ତାଙ୍କ ଦଳର ସମ୍ବିଧାନରେ ଜଣେ ବ୍ୟକ୍ତି ଦୁଇ ଥର ସଭାପତି ରହିବାରେ ଅସୁବିଧା ନାହିଁ ବୋଲି କହିଛନ୍ତି । ସେପଟେ ରାଜନୈତିକ ସମୀକ୍ଷକ ବି ମନମୋହନଙ୍କ ଇସାରାକୁ ସମର୍ଥନ କରି କହିଛନ୍ତି ମନମୋହନଙ୍କ ସଭାପତିତ୍ୱ ସମୟରେ ହିଁ ରାଜ୍ୟରେ ବିଜେପି ଏକାକୀ ନିର୍ବାଚନ ଲଢ଼ି ପ୍ରଥମ ଥର କ୍ଷମତା ଦଖଲ କରିଛି । ୨୦୨୪ରେ ମନମୋହନଙ୍କର ପାର୍ଟି ପାଇଁ ବଡ଼ ଭୂମିକା ଥିଲା । ବିଜେଡି ସହ ମେଂଟ ନକରିବାକୁ ମନମୋହନ ଆରମ୍ଭରୁ କେନ୍ଦ୍ରୀୟ ନେତୃତ୍ୱଙ୍କ ପାଖରେ ଦମ୍ଭ ଦେଖାଇ ଆସିଥିଲେ । ଯଦିଓ ଦଳ ଭିତରେ ଅନେକ ଗୋଷ୍ଠୀ ଅଛନ୍ତି ଓ ସେମାନେ ନିଜ ଲୋକଙ୍କୁ ସଭାପତି ପଦରେ ବସାଇବାକୁ ଲବି କରୁଛନ୍ତି କିନ୍ତୁ ଦଳୀୟ ସମ୍ବିଧାନରେ ବ୍ୟବସ୍ଥା ଥିବାରୁ ମନମୋହନ ସାମଲ ରିପିଟ୍ ହେବା ସମ୍ଭାବନା ଅଧିକ । ୨୦୨୩ ମାର୍ଚ୍ଚ ୨୩ରେ ରାଜ୍ୟ ବିଜେପି ସଭାପତି ଭାବେ ନିଯୁକ୍ତ ହୋଇଥିଲେ ମନମୋହନ ସାମଲ । ସେତେବେଳେ ୨୪ ନିର୍ବାଚନ ମୁଣ୍ଡ ଉପରେ ଥିଲା, ଏବଂ ଦାଇତ୍ୱ ସହକାରେ ଦଳକୁ ପରିଚାଳନା ପରେ ରାଜ୍ୟରେ ଦୀର୍ଘ ବର୍ଷ ଧରି କ୍ଷମତା ରେ ଥିବା ବିଜେଡିକୁ ପରାଜିତ କରିଥିଲା ବିଜେପି । ତେବେ ଦେଖିବାକୁ ବାକି ରହିଲା କାହାକୁ ମିଳିବ ଓଡିଶା ବିଜେପିର ରାଜ୍ୟ ସଭାପତି ଦାଇତ୍ୱ ?

## ଶ୍ରୀମନ୍ଦିର ଭିତର ...

କରିଥିବା ବ୍ୟକ୍ତିଙ୍କୁ ଦର୍ଶନ କରାଇଥିବା ସେବକ ବା ପଣ୍ଡାଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି । ଗତ ୧୨ ତାରିଖରେ ଗୌରବ ସାହୁ ଶ୍ରୀମନ୍ଦିର ଭିତର ବେଢ଼ା କୀର୍ତନ ମଣ୍ଡପ ନିକଟରେ ଫଟୋ ଉଠାଇଥିଲେ । ଫଟୋରେ ଗାରଦ, ଜଗମୋହନ ସମେତ କିଛି ପାର୍ଶ୍ୱ ଦେବଦେବୀ ଦୃଶ୍ୟମାନ ହୋଇଥିଲେ । ପରେ ଏହାକୁ ସେ ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ । ଶ୍ରୀମନ୍ଦିର ଚାରିଦ୍ୱାରରେ ମାଳମାଳ ପୁଲିସ ଚେକିଂ କରି ଛାଡୁଥିଲେ ହେଁ କିଭଳି ମୋବାଇଲ ଶ୍ରୀମନ୍ଦିର ଭିତରକୁ ଯାଉଛି ଓ ପୁଲିସର ପଇଁତରା ସତ୍ତ୍ୱେ କେମିତି ନିର୍ବିଘ୍ନରେ ଭିଡିଓଗ୍ରାଫି ହେଉଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ବାରମ୍ବାର ଏପରି ଘଟଣା ଘଟୁଛି । ଏନେଇ ଥାନାରେ ଏତଲା ସହ ତାଗିଦ କରାଯାଉଛି । ତଥାପି ଶ୍ରୀମନ୍ଦିର ଭିତରେ ଫଟୋ ଉଠାଇବାର ପ୍ରବଣତା କମୁନାହିଁ ।

## ଓଡ଼ିଶାରେ ବିଚିତ୍ର...

ଏକ୍ଷେତ୍ରରେ ବେଶ୍ ଆଗୁଆ । ଅତ୍ୟାଧୁନିକ ଜ୍ଞାନକୌଶଳ ସହ ତାଳ ଦେଇ ଏହି ବର୍ଗର ୮୧.୩% ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ଦିଆଯାଉଛି । ସେହି ତୁଳନାରେ ରାଜ୍ୟର ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ବହୁ ପଛରେ । ୨୦୨୪ ସୁଦ୍ଧା ୫୫.୮% ସରକାରୀ ବିଦ୍ୟାଳୟ, ୬୫.୨% ସରକାରୀ ଅନୁଦାନପ୍ରାପ୍ତ ଓ ୬୭.୮% ଅନ୍ୟାନ୍ୟ ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ କମ୍ପ୍ୟୁଟର ରହିଛି । ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରାଯାଉଥିବା ୨୩ ହଜାର ୩୧୦ ବିଦ୍ୟାଳୟରେ କମ୍ପ୍ୟୁଟର ସୁବିଧା ହିଁ ନାହିଁ । କମ୍ପ୍ୟୁଟର ନ ଥିଲେ ମଧ ୫୦ହଜାର ୫୮୨ ବିଦ୍ୟାଳୟରେ ଇଂଟରନେଟ୍ ସୁବିଧା ଉପଲବ୍ଧ ରହିଛି । ଅର୍ଥାତ୍ ୧୧ହଜାର ୧୧୧ ବିଦ୍ୟାଳୟକୁ ଇଂଟରନେଟ୍ ସଂଯୋଗ ହୋଇପାରି ନାହିଁ । ୫୯.୪ % ବିଦ୍ୟାଳୟରେ କମ୍ପ୍ୟୁଟର ରହିଥିବା ବେଳେ ୮୨% ବିଦ୍ୟାଳୟକୁ ଇଂଟରନେଟ୍ ସଂଯୋଗ ହୋଇଛି । ୮୧.୪%ସରକାରୀ ବିଦ୍ୟାଳୟ, ୮୩% ସରକାରୀ ଅନୁଦାନପ୍ରାପ୍ତ, ୮୬.୨% ବେସରକାରୀ ଅନୁଦାନପ୍ରାପ୍ତ ଓ ୮୧.୭% ଅନ୍ୟାନ୍ୟ ବିଦ୍ୟାଳୟରେ ଇଂଟରନେଟ୍ ସୁବିଧା ରହିଥିବା ଏହି ରିପୋର୍ଟରେ ଉଲ୍ଲେଖ ହୋଇଛି । ଗୋଟିଏ ପଟେ ୫୫.୮% ସରକାରୀ ବିଦ୍ୟାଳୟରେ କମ୍ପ୍ୟୁଟର ଥିବା ବେଳେ ୮୨% ବିଦ୍ୟାଳୟରେ ହୋଇଥିବା ଇଂଟରନେଟ୍ ସଂଯୋଗ କେଉଁଭଳି ହୋଇଛି ? ଯଦି ୧୫ ହଜାର ସ୍କୁଲରେ କମ୍ପ୍ୟୁଟର ନାହିଁ ତାହା ହେଲେ ଇଂଟରନେଟ୍ କେଉଁ କାମରେ ବ୍ୟବହାର ହେଉଛି ? ଇଂଟରନେଟ୍ ଦ୍ୱାରା ପିଲାଙ୍କର କି ଲାଭ ହେଉଛି ? ଶିକ୍ଷକମାନେ ମୋବାଇଲ୍‌ରେ ସଂଯୋଗ କରିଥିବା ଇଂଟରନେଟ୍‌କୁ ବିଦ୍ୟାଳୟର ବୋଲି ଦର୍ଶାଇଛନ୍ତି କି ? ଏବାବଦରେ ଖର୍ଚ୍ଚ ହେଉଥିବା ଅର୍ଥ କେଉଁଠୁ ଆସୁଛି ? ୧୫ ହଜାର ସ୍କୁଲରେ ଇଂଟରନେଟ୍ ସୁବିଧା କାହା ପାଇଁ ? ବିଦ୍ୟାଳୟଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ, ଶୌଚାଳୟ ସୁବିଧା ଉପଲବ୍ଧ କରାଇବାରେ ଓଡ଼ିଶା ଶତପ୍ରତିଶତ ସଫଳ ହୋଇପାରି ନାହିଁ । ମୋଟ ବିଦ୍ୟାଳୟ ମଧ୍ୟରୁ ୫୯ହଜାର ୫୧୧ ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ହୋଇଛି । ସେଥିମଧ୍ୟରୁ ୫୯ହଜାର ୭୬ଟି ବିଦ୍ୟାଳୟରେ ବିଜୁଳି ଜଳୁଛି ଏବଂ ୪୩୫ଟି ବିଦ୍ୟାଳୟକୁ ସଂଯୋଗ ହୋଇଥିଲେ ମଧ ବିଜୁଳି ଜଳୁ ନାହିଁ । କେବଳ ସରକାରୀ ବିଦ୍ୟାଳୟର ୩୪୪ ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ମଧ ବିଜୁଳି ଜଳୁ ନାହିଁ । ସରକାରୀ ଅନୁଦାନପ୍ରାପ୍ତ ୬୮ଟି, ବେସରକାରୀ ଅଣଅନୁଦାନପ୍ରାପ୍ତ ୧୭ ଓ ଅନ୍ୟାନ୍ୟ ବର୍ଗର ୬ଟି ବିଦ୍ୟାଳୟକୁ ବିଦ୍ୟୁତ୍ ବୋର୍ଡ, ସୁଇଚ୍ ଲାଗିଛି । ହେଲେ ଲାଇଟ୍ ଜଳୁନି କି ଫ୍ୟାନ୍ ବୁଲୁ ନାହିଁ । ଗୋଟିଏ ଧାଡ଼ିରେ କହିବାକୁ ଗଲେ, ଓଡ଼ିଶାର ୯୬.୫% ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ହୋଇଛି । ଯେତେବେଳେ କି ଛତିଶଗଡ଼, ଦିଲ୍ଲୀ, ଡାମନ୍ ଓ ଡ୍ୟୁ, ଗୋଆ, ଲାକ୍ଷାଦୀପ, ପଣ୍ଡିଚେରୀର ସମସ୍ତ ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ହୋଇଛି । ଓଡ଼ିଶାର ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ ୯୯.୮%, ପଶ୍ଚିମବଙ୍ଗରେ ୯୮%, ଝାଡ଼ଖଣ୍ଡରେ ୯୫.୨% ବିଦ୍ୟାଳୟରେ ବିଜୁଳି ପହଂଚିଛି । ପାନୀୟ ଜଳ ସୁବିଧା ଉପଲବ୍ଧରେ ଟିକିଏ ଭଲ ସ୍ଥିତିରେ ରହିଛି ଓଡ଼ିଶା । ମାତ୍ର ୮ଟି ବିଦ୍ୟାଳୟରେ ପାନୀୟ ଜଳ ଉପଲବ୍ଧ ହୋଇପାରି ନାହିଁ । ତେବେ ୨୯୧ଟି ଏଭଳି ବିଦ୍ୟାଳୟ ରହିଛି ଯେଉଁଠାରେ ପାନୀୟ ଜଳ ସୁବିଧା ରହିଥିଲେ ମଧ ପିଲାମାନେ ପାଣି ପାଇପାରୁ ନାହାନ୍ତି । ହାରାହାରି ହିସାବକୁ ନେଲେ ଶତ ପ୍ରତିଶତ ବିଦ୍ୟାଳୟରେ ପାନୀୟ ଜଳ ସୁବିଧା ହୋଇଛି ଏବଂ ୯୯.୫% ବିଦ୍ୟାଳୟରେ କାର୍ଯ୍ୟକ୍ଷମ ରହିଛି । ଶୌଚାଳୟ ଅବସ୍ଥା ଦେଖିଲେ ବାଳକ କିମ୍ବା କୋ-ଏଜୁକେସନ ଥିବା ୬୦ ହଜାର ୮୨୮ ବିଦ୍ୟାଳୟ ମଧ୍ୟରୁ ୫୯ହଜାର ୧୨୦ ବିଦ୍ୟଳୟରେ କାର୍ଯ୍ୟକ୍ଷମ ରହିଛି । ସେହିପରି ବାଳିକା ଓ କୋ-ଏଜୁକେସନ ପାଇଁ ଥିବା ୬୧ହଜାର ୬୨୩ ବିଦ୍ୟାଳୟ ମଧ୍ୟରୁ ୬୧ହଜାର ୧୨ଟି ବିଦ୍ୟାଳୟରେ ଶୌଚାଳୟ ରହିଛି । ଅର୍ଥାତ୍ ୬୧୧ଟି ବିଦ୍ୟାଳୟରେ ବାଳିକାଙ୍କ ପାଇଁ ଶୌଚାଳୟ ସୁବିଧା ଉପଲବ୍ଧ ହୋଇପାରି ନାହିଁ । ୪୩୦ଟି ବିଦ୍ୟାଳୟରେ ବାଳିକାଙ୍କ ପାଇଁ ଥିବା ଶୌଚାଳୟ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ଜଣାପଡ଼ିଛି । ଅର୍ଥାତ୍ ୧୦୪୧ଟି ବିଦ୍ୟାଳୟରେ ବାଳିକାଙ୍କ ପାଇଁ ଶୌଚାଳୟ ନାହିଁ ।

## ୩ ମାଓବାଦୀ...

ଜିଲ୍ଲା ପୁଲିସ ଏବଂ ଡିଆରଜି ଯବାନ ଚିନ୍ତାଗୁମ୍ଫା ଥାନା ଅଂଚଳର ଅରନପାଲ୍ଲୀ ଗ୍ରାମ ନିକଟସ୍ଥ ଜଙ୍ଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ କିଛି ସନ୍ଦିଗ୍ଧ ଯବାନଙ୍କୁ ଦେଖି ଲୁଚିବା ଏବଂ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ଯବାନ ଜଙ୍ଗଲକୁ ଘେରି ୩ ଜଣ ନକ୍ସଲକୁ ଗିରଫ କରିବାରେ ସଫଳ ହୋଇଥିଲେ । ସେମାନଙ୍କୁ ଧରି ପଚରାଉଚରା କରିବା ପରେ ସେମାନେ ନକ୍ସଲ ସଂଗଠନରେ ସକ୍ରିୟ ଭାବେ କାମ କରୁଥିବା ସ୍ୱୀକାର କରିଥିଲେ । ଗିରଫ ହୋଇଥିବା ମାଓବାଦୀମାନେ ହେଲେ ବସ୍ତର ଡିଭିଜନ କୃଷି ଟିମର ସଦସ୍ୟ ମଡକମ ନନ୍ଦା(୨୪),ଜନତାନା ସରକାର ସଦସ୍ୟ କାବାସି ଲଖମା(୩୭) ଏବଂ ଡିଏକେ ଏମଏସ ଅଧକ୍ଷ ମଡକମ ନନ୍ଦା(୩୫) । ସେମାନଙ୍କ ମଧ୍ୟରୁ କୃଷି କମିଟି ସଦସ୍ୟ ମଡକମ ନନ୍ଦାଙ୍କ ଉପରେ ୨ ଲକ୍ଷ ଟଙ୍କା ଏବଂ ଡିଏକେଏମଏସ ଅଧକ୍ଷ ମଡକମ ନନ୍ଦାଙ୍କ ଉପରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା । ପୁଲିସ ଏମାନଙ୍କୁ ଶନିବାର କୋର୍ଟ ଚାଲାଣ କରିଛି ।

# ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ବେଡ଼ରେ ଶୋଉଛି ବୁଲା କୁକୁର



ଯାଜପୁର: ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳ ପୁର ଶ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖାଯାଇଛି ବିକଳ ଚିତ୍ର, ଏରିଆ ହସ୍ପିଟାଲ ରେ ପରିଣତ ହୋଇଥିବା ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବଡ଼ଚଣା ବ୍ଲକ ର ଦସଗୋଟି ପଂଚାୟତ ସହ ବରୀ ଓ କେନ୍ଦ୍ରାପଡ଼ା ଜିଲ୍ଲା ର ପାଟକୁରା ଅଂଚଳ ର ବହୁ ଲୋକ ମାନେ ନିର୍ଭର ଶିଳ ହୋଇ ଥାନ୍ତି, ଆବଶକୀୟ କର୍ମଚାରୀ ନଥିବାରୁ ଶ୍ୱାସ୍ଥ୍ୟ କେନ୍ଦ୍ରଟି ଏକ ପ୍ରକାର ଅସ୍ୱଷ୍ଟାକର ପରିବେଶ ସୃଷ୍ଟି ହୋଇଛି, ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ବେଡ୍ ରେ ବୁଲା କୁକୁର ଶୋଉଛନ୍ତି,ଏ ନେଇ ଏକ ଭିଡ଼ିଓ ଭାଇରଲ ହୋଇଛି,ଶ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବିଭାଗୀୟ ଅଧିକାରୀ ମାନେ ଦୃଷ୍ଟି ଦେଉନଥିବାରୁ ବିଭିନ୍ନ ପ୍ରକାର ଅଘଟଣ ମାନ ଘଟୁଛି,ସରକାର ଶ୍ୱାସ୍ଥ୍ୟ କ୍ଷେତ୍ରରେ ବିଭିନ୍ନ ପ୍ରକାର ଯୋଜନା କରୁଥିଲେ ମଧ୍ୟ ଏହା କେବଳ ଯୋଜନା ରେ ହିଁ ରହିଯାଉଛି, ବିଭାଗୀୟ ଅଧିକାରୀ ମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହୋଇଛି ।

# ବିଦ୍ୟୁତ୍ ବିଭାଗର ମନମୁଖୀ: ମିଟର ବଦଳ ପାଇଁ ଉପଭୋକ୍ତା ଅସନ୍ତୁଷ୍ଟ

ତିର୍ତୋଲ : ଟାଟା ପାୱାର ସଦା ସର୍ବଦା ଉନ୍ନତ ମାନ ର ଉପଭୋକ୍ତା ସେବା ଯୋଗାଇବା ପାଇଁ ତତ୍ପର କିନ୍ତୁ ଚଳିତ ମାସ ଠାରୁ ଭିଜନ ଟେକ କମ୍ପାନୀ ର ମିଟର ଲାଗିଥିବା ଉପଭୋକ୍ତା ଙ୍କ ବିଦ୍ୟୁତ୍ ବିଲ୍ ଗୁଡ଼ିକୁ ମିଟର ଖରାପ ଦର୍ଶାଇ ଆଭରେଜ ବିଲ୍ ପ୍ରଦାନ କରାଯାଉଛି ।
ଭିଜନ ଟେକ ମିଟର ବଦଳ ରେ ଲାଗିବ ସ୍ମାର୍ଟ ମିଟର ବା ପ୍ରିପେଡ ମିଟର ଯାହାକୁ ଉପଭୋକ୍ତା ଙ୍କୁ ଆଗୁଆ ରିଚାର୍ଜ କରିବାକୁ ପଡ଼ିବ ନଚେତ୍ ମିଟର ଭିତରେ ନାଲି ବଲ୍ ଜଳୁଥିବ ଘର ସମ୍ପୂର୍ଣ୍ଣ ଅନ୍ଧାର ଥିବ ! କିନ୍ତୁ ଏହି ନୂଆ ମିଟର ର ମୂଲ୍ୟ କୁ ଉପଭୋକ୍ତା ଦେବେ ଯାହା ପାଖା ପାଖି ୮ ରୁ ୧୬ ହଜାର ଟଙ୍କା ପଡ଼ି ପାରେ ବୋଲି ଅନୁମାନ କରାଯାଉଥିବା ବେଳେ ମିଟର ଲାଗିବା ପରେ ଯାହା ବି ପୂର୍ବ ବକେୟା ଅଛି ତାକୁ ସମ୍ପୂର୍ଣ୍ଣ ଦେବା ପରେ ହିଁ ନୂଆ ରିଚାର୍ଜ କରି ହବ ବୋଲି ଜଣା ପଡିଛି । କେବେଳ ଶୀତ ଦିନ ରେ ବିଲ୍ ଆଭରେଜ ହେଇ ଥିବାରୁ ଖରା ଦିନ ରେ ନିଶ୍ଚିତ ବ୍ୟବହାର ବଢିବା ସହିତ ବିଲ୍ ବୃଦ୍ଧି ହବ ବୋଲି କହିଛନ୍ତି ଉପଭୋକ୍ତା । ତେଣୁ ପୂର୍ବ ୬ ମାସ ବିଲ୍ କୁ ହିସାବ କୁ ନେଲେ ଶୀତ ଦିନେ କମ୍ ବ୍ୟବହାର ଥିଲେ ମଧ ଖରା ଦିନ ର ଯେତିକି ଆସିବ ସେଇ ଅନୁସାରେ ପୂର୍ବ ପଇସା ଦେବେ ଉପଭୋକ୍ତା ! ତେଣୁ ପୂର୍ବ ସରକାର ୧୦୦ ୟୁନିଟ ମାଗଣାରେ ଦେବାକୁ ଚେଷ୍ଟା କରିଥିବା ବେଳେ ଟାଟା ର ଏଭଳି ମନମୁଖୀ କାର୍ଯ୍ୟ କୁ ନେଇ ଉପଭୋକ୍ତା ଙ୍କ ଭିତରେ ଅସନ୍ତୋଷ କୁହୁଳୁଥିବା ଦେଖିବାକୁ ମିଳିଛି ।

# ଓଡ଼ିଶା ଓ ଛତିଶଗଡ଼ ବନ ବିଭାଗର ମିଳିତ ଚଢଉ : ବହୁ ପରିମାଣର କାଠ ସାମଗ୍ରୀ ଜବତ

## ଲଗାତାର ଚତୁର୍ଥ ଥର ଚଢାଉ, ଜବତ କାଠ ଦେଖି ସମସ୍ତେ ଆଶ୍ଚର୍ଯ୍ୟ



ରାଇଘର : ନବରଙ୍ଗପୁର ଜିଲ୍ଲା ଛତିଶଗଡ ସୀମାନ୍ତ ରାଇଘର ବ୍ଲକ ଠାରେ ଦୀର୍ଘ ବର୍ଷରୁ ଶାଗୁଆନ ଗଣ୍ଡି ଚୋରା ଚାଲାଣରେ ଦଲାଲ ସକ୍ରିୟ ହୋଇ ଉଠିଥିବା ବେଳେ ବେଆଇନ କାରବାର କାଠ ଗଣ୍ଡିରେ ବେଆଇନ ଭାବେ ସାମଗ୍ରୀ ନିର୍ମାଣ କରି ଲକ୍ଷାଧିକ ଦରରେ ଲୋକଙ୍କୁ ଶୋଷଣ କରୁଥିବା ପେଣ୍ଟସ୍ଥଳି ଭାବେ ବେଶ ପରିଚିତ ସୋନପୁର ଗ୍ରାମରେ ଉଭୟ ଓଡିଶା ଓ ଛତିଶଗଡ ବନ ବିଭାଗ ଟିମ୍ ମିଳିତ ଭାବେ ଚଢ଼ାଉ କରି ଘରେ ଘରେ ସର୍ଚ୍ଚ କରି ବହୁ ପରିମାଣର କାଠ ସାମଗ୍ରୀ ଜବତ କରିଥିବା ଜଣାପଡ଼ିଛି । ଅନ୍ୟପଟେ ରାତିରେ ବନ ବିଭାଗ ପେଟ୍ରୋଲିଂ ସମୟରେ ଏକ ପିକଅପ୍ ଗାଡି ସହ ଶାଗୁଆନ ଗଣ୍ଡି ଜବତ ସହ ମୋଟ ତିନି ଜଣଙ୍କୁ ଅଟକ ରଖି ପଚରାଉଚରା ଚାଲିଛି । ତେବେ ଯେଉଁ ପରିମାଣର ମୂଲ୍ୟବାନ କାଠ ଓ ସାମଗ୍ରୀ ଜବତ ହୋଇଛି ସମସ୍ତେ ଆଶ୍ଚର୍ଯ୍ୟ ହେବା ସହ ଆବଶ୍ୟକତା ଠାରୁ ଅଧିକ ମାତ୍ରାରେ ସାମଗ୍ରୀ ଜବତ ହୋଇଛି । ସୂଚନା ଅନୁଯାୟୀ - ଛତିଶଗଡ ରାଜ୍ୟର ସୀତା ନଦୀ ଅଂଚଳରେ ଥିବା ବନ୍ୟଜନ୍ତୁ ରହୁଥିବା ସ୍ୱତନ୍ତ୍ର ଜଙ୍ଗଲ ମଧ୍ୟରେ ଦିନକୁ ଦିନ ଶାଗୁଆନ ଗଛ ହ୍ରାସ ସହ ଗଛ ନଷ୍ଟ କରି କାଠ ଚୋରା ଚାଲାଣ ହେଉଥିବା ଜଣାପଡିବା ପରେ ଏହା ଉପରେ ଛତିଶଗଡ ଟିମ୍ ସ୍ୱତନ୍ତ୍ର ଭାବେ ପେଟ୍ରଲିଂ ବ୍ୟବସ୍ଥା କଡ଼ାକଡି କରିବା ସହ ଓଡିଶା ସୀମାନ୍ତ ନବରଂଗପୁର ଜିଲ୍ଲା ବନ ବିଭାଗ ସହ ଯୋଗା ଯୋଗରେ ରହି ସ୍ୱତନ୍ତ୍ର ଦୃଷ୍ଟି ଦିଆ ଯାଇଥିଲା । ଗତ ୧୬ ତାରିଖ ଗୁରୁବାର ଦିନ ଉଭୟ ଛତିଶଗଡ ଓ ଓଡ଼ିଶା ରାଜ୍ୟର ସୀମାନ୍ତ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକ ଟିମ୍ ଗୋଟିଏ ୟୁନିଟ ହୋଇ ରାଇଘର ବ୍ଲକ ସୋନପୁର ଡିଏନକେ ଗ୍ରାମରେ ଚଢ଼ାଉ କରିଥିଲେ । ଲକ୍ଷ ଲକ୍ଷ ଟଙ୍କାର କାଠ ସାମଗ୍ରୀ ଦେଖି ବନ ବିଭାଗ ର ଅଧିକାରୀ ତାଜୁବ ହୋଇ ଯାଇଥିଲେ । ପ୍ରତି ଘରୁ ସର୍ଚ୍ଚ କରି ଜବତ ସାମଗ୍ରୀ ରାଇଘର ବନ ବିଭାଗ କାର୍ଯ୍ୟାଳୟ ଠାରେ ଭର୍ତି କରାଯାଇ ଥିବା ବେଳେ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ ହୋଇଛି । ଟ୍ରାକ୍ଟର, ପିକଅପ୍ ରେ ଭର୍ତି କରି ବନ ବିଭାଗ କାର୍ଯ୍ୟାଳୟ ଠାରେ ଯେଉଁ ଭଳି ମୂଲ୍ୟବାନ କାଠରେ ପ୍ରସ୍ତୁତ ସାମଗ୍ରୀ ରଖା ଯାଇଥିଲା କାର୍ଯ୍ୟାଳୟ ସମ୍ମୁଖରେ ସାଧାରଣ ଲୋକ ପ୍ରବଳ ଜନ ଗହଳି ଦେଖିବାକୁ ମିଳିଥିଲା । ଉଭୟ ରାଜ୍ୟ ପକ୍ଷରୁ ଚଢଉ ହୋଇଥିବା ବେଳେ ରାତିରେ ରାଇଘର ବନ ବିଭାଗ ପକ୍ଷରୁ ଏକ ପିକଅପ୍ ଗାଡି ନମ୍ବର ଓଆର ୨୪ଏ ୦୪୦୭ ଯୋଗେ ଶାଗୁଆନ ଗଣ୍ଡି ଚୋରା ଚାଲାଣ ସମୟରେ ଧରା ପଡ଼ିଛି । ଗାଡ଼ିରେ ମୋଟ ୮ ଗୋଟି ଶାଗୁଆନ ଗଣ୍ଡି ରହିଥିବା ବେଳେ ଦୁଇ ଜଣଙ୍କୁ ଅଟକ ରଖା ଯାଇଛି ଓ ଘରେ ଘରେ ସର୍ଚ୍ଚ ଘଟଣାରେ ଜଣଙ୍କୁ ମୋଟ ତିନି ଜଣଙ୍କୁ ଅଟକ ରଖି ପଚରାଉଚରା ଚାଲିଛି । ଅନ୍ୟପଟେ ଲଗାତାର ଭାବେ ରାଇଘର ବନ ବିଭାଗ ମଧ୍ୟ ପେଟ୍ରୋଲିଂ ସମୟରେ ଅନେକ ଶାଗୁଆନ ଗଣ୍ଡି ଜବତ କରିବାରେ ସଫଳତା ହାସଲ କରିଥିଲା । ଚାଲାଣକାରି ଦଲାଲ ମାନେ କେଉଁ ଅଂଚଳରୁ କେଉଁ ଅଂଚଳ ନେଇ ଶାଗୁଆନ କାଠ ବିକ୍ରୀ କରୁଛନ୍ତି ସମସ୍ତ ତଥ୍ୟ ସଂଗ୍ରହ କରି ଛତିଶଗଡ ବନ ବିଭାଗ ସ୍ୱତନ୍ତ୍ର ଭାବେ ତଦାରଖ କରିବା ସହ ପୂର୍ବରୁ ତିନି ତିନି ଥର ଶେଷ ଥର ପାଇଁ ୨୦୨୩ ମସିହା ଡ଼ିସେମ୍ବର ମାସରେ ଚଢଉ କରାଯାଇଥିଲା । ଚଢ଼ାଉ ସତ୍ତ୍ୱେ ମଧ୍ୟ ସୋନପୁର ଠାରେ ବେଆଇନ କାରବାର ବନ୍ଦ ହେଉ ନ ଥିଲା ଶେଷରେ ଚତୁର୍ଥ ଥର ସୋନପୁର ଗ୍ରାମରେ ସର୍ଚ୍ଚ ଅପରେସନ କରିଥିଲେ । ସୋନପୁର ଗ୍ରାମର ଅନେକ ଘରେ ସର୍ଚ୍ଚ କରି ଶାଗୁଆନ ଗଣ୍ଡି , ପଟା, ଫର୍ଣିଚର୍, ସାଇଜ କାଠ, ଖଟ ଖୁରା ଭଳି ବିଭିନ୍ନ ସାମଗ୍ରୀ ଜବତ ସହ ଜବତ ସାମଗ୍ରୀ ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବୋଲି ଜଣାପଡ଼ିଥିଲା । ଛତିଶଗଡ ଗରିଆବନ୍ଧ ଡିଭିଜନ ରେ ମେନପୁର ଭଳି ନାନା ଟିମ୍ ସାମିଲ ଥିବା ବେଳେ ଓଡିଶା ନବରଂଗପୁର ଡିଭିଜନରେ ସବୁ ବ୍ଲକର ଅନେକ କର୍ମଚାରୀ ସାମିଲ ହୋଇଥିଲେ । ଘରେ ଘରେ ସର୍ଚ୍ଚ କରି ସାମଗ୍ରୀ ଜବତ କରୁଥିବା ବନ ବିଭାଗ ଟିମ୍ ଘଟଣାରେ ଜଡିତ ବ୍ୟକ୍ତି ବିଶେଷକୁ ଧରିବାରେ ବିଫଳ ହୋଇଛି । ତିନି ତିନି ଥର ଗୋଟିଏ ଗ୍ରାମକୁ ଉଭୟ ଓଡିଶା- ଛତିଶଗଡ ଟିମ୍ ଟାର୍ଗେଟ କରି ଚଢାଉ କରୁଥିବା ବେଳେ ଅଭିଯୁକ୍ତ ମାନଙ୍କୁ ନ ଧରି କେବଳ ସାମଗ୍ରୀ ଜବତ କରି ଭୟ ସୃଷ୍ଟି କରିବାରେ ଲାଗିଛି ସତ କିନ୍ତୁ ଦଲାଲ୍ ମାନେ ନିର୍ଭୟ ସହ ଛତିଶଗଡ ଠାରୁ ମୂଲ୍ୟବାନ ଶାଗୁଆନ ଗଣ୍ଡି ଆଣି ଓଡିଶା ସୀମାନ୍ତ ରାଜପୁର୍ ଠାରୁ ସୋନପୁର ଗ୍ରାମକୁ ଚାଲାଣ କରୁଥିଲେ । ଏଠାରେ ବିଭିନ୍ନ ପ୍ରକାର କାଠ ସାମଗ୍ରୀ ନିର୍ମାଣ କରି ଅତ୍ୟଧିକ ମାତ୍ରାରେ ବିକ୍ରୀ କରି ଲୋକଙ୍କୁ ଶୋଷଣ ଅଭିଯୋଗ ହୋଇଛି । ସ୍ଥାନୀୟ ବନ ବିଭାଗ ଟିମ୍ ତଦନ୍ତ କରି ନିରବ ଯୋଗୁଁ ଆଜି ସୋନପୁର ଗ୍ରାମ ବେଆଇନ୍ କାରବାର ପେଣ୍ଟସ୍ଥଳି ପାଲଟିଛି । ତେବେ ଆଜି ଉଭୟ ଓଡିଶା ଓ ଛତିଶଗଡ ବନ ବିଭାଗର ଶତାଧିକ କର୍ମଚାରୀ ସାମିଲ ହୋଇଥିବା ବେଳେ ତଦନ୍ତ ପ୍ରକ୍ରିୟା ଜାରୀ ରହିଛି । ଏଥି ସହ ବେଆଇନ କାରବାର ଚାଲୁଥିବା ସ୍ଥାନ ଚିହ୍ନଟ କରିବାରେ ଲାଗିଛି । ଆଗକୁ ଯେଉଁ ଯେଉଁ ଅଂଚଳରେ ଏଭଳି ବେଆଇନ କାଠ ଆଣି ସାମଗ୍ରୀ ପ୍ରସ୍ତୁତ ହେଉ ଅଛି ସେହି ଅଂଚଳ ଉପରେ ଚଢ଼ାଉ କରା ଯିବାକୁ ଯୋଜନା ପ୍ରସ୍ତୁତ ହେଉଛି ବୋଲି ବନ ବିଭାଗ ପ୍ରକାଶ କରିଛି ।

# ମୁନିଗୁଡ଼ା ଭୂତଳ ରାସ୍ତା ନିର୍ମାଣ ନେଇ ରେଳ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ସବୁଜ ସଂକେତ

ମୁନିଗୁଡ଼ା: ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ସହର ମଧ୍ୟସ୍ଥ ରେଳ ଫାଟକ ପାର୍ଶ୍ୱରେ ଭୂତଳ ରାସ୍ତା ନିର୍ମାଣ ପାଇଁ ମୁନିଗୁଡ଼ା ଜନସାଧାରଣ ବହୁ ବର୍ଷରୁ ଦାବି କରି ଆସୁଥିଲେ ।ରେଳ ବିଭାଗ ତରଫରୁ ବୈଷୟିକ ଅସୁବିଧା ଦର୍ଶାଇ କାର୍ଯ୍ୟ ନ ହୋଇ ପାରିବାର କାରଣ ଦର୍ଶାଉଥିଲେ । ହେଲେ ଗତ ୨୧-୧୧-୨୦୨୪ ରେ ମୁନିଗୁଡ଼ା ପ୍ରଗତି ମଂଚ ତରଫରୁ ମୁନିଗୁଡାର ସମସ୍ତ ବୁଦ୍ଧିଜୀବୀ,ବ୍ୟବସାୟୀ,ଗଣମାଧ୍ୟମ ପ୍ରତିନିଧି,ବିଭିନ୍ନ ସାମାଜିକ ,ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତା ମାନଙ୍କୁ ନେଇ ରେଳ ଷ୍ଟେସନ ସମ୍ମୁଖରେ ଧାରଣା ଓ ଆମରଣ ଅନଶନ ଆରମ୍ଭ କରାଯାଇଥିଲା । ଶେଷରେ ରେଳ ବିଭାଗ କର୍ତ୍ତୃପକ୍ଷ ଘଟଣାର ଗୁରୁତ୍ୱକୁ ବୁଝି ଆନ୍ଦୋଳନ ସ୍ଥଳରେ ପହଂଚି ପ୍ରଗତି ମଂଚ କାର୍ଯ୍ୟକର୍ତା ମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ସ୍ଥଗିତ କରିଥିଲେ ।ପରେ ୨୬-୧୧-୨୦୨୪ ରେ ରେଳ ବିଭାଗର ଏକ ଟେକ୍ନିକାଲ କମିଟି ପ୍ରଗତି ମଂଚ କମିଟି ସହ ମିଳିତ ଭାବେ ବିଭିନ୍ନ ସ୍ଥାନ ବୁଲି ଭୂତଳ ରାସ୍ତା ପାଇଁ ସ୍ଥାନ ପରୀକ୍ଷଣ କରିବା ପରେ ଏକ ସ୍ଥାନ ଚିହ୍ନଟ ହୋଇଥିଲା ।ପରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତାହା ଏଷ୍ଟିମେଟ ହୋଇ ଅନୁମୋଦନ ପାଇଁ ପଠାଯାଇଥିଲା ।ଆଜି ସମ୍ବଲପୁର ଡି ଆର ଏମ ତୁଷାର କାନ୍ତ ପାଣ୍ଡେ ଏକ ଉଚ୍ଚ ସ୍ତରୀୟ ପ୍ରତିନିଧି ମଣ୍ଡଳୀ ସହିତ ଥାର୍ଡ ଲାଇନ ସର୍ବେକ୍ଷଣ ଓ ଅମୃତ ଯୋଜନାର କାର୍ଯ୍ୟ ତଦାରଖ କରିବାକୁ ମୁନିଗୁଡ଼ା ରେଳ ଷ୍ଟେସନ ଆସିଥିବା ସମୟରେ ମୁନିଗୁଡ଼ା ପ୍ରଗତି ମଂଚ ସଭାପତି ସି ଏଚ୍ ଗଣେଶ୍ୱର ରାଓଙ୍କ ନେତୃତ୍ୱରେ ଉପସଭାପତି ରାଜୀବ ଲୋଚନ ଦାସ,ସମ୍ପାଦକ ଶୀମାଂଚଳ ପଣ୍ଡା,ସହ ସମ୍ପାଦକ ମନୋରଞ୍ଜନ ଦଳାଇ,କୋଷାଧକ୍ଷ ନନ୍ଦକିଶୋର ପଟ୍ଟନାୟକ, କାର୍ଯ୍ୟକାରିଣୀ ସଦସ୍ୟ ସୁଦାମ ଚରଣ ପଣ୍ଡା,ନରେଶ ପାତ୍ର,ବାଲାଜୀ ପାତ୍ର,ପ୍ରଦୀପ ପରିଛା,ଲାଡ଼ି ଶଙ୍କର,ଧନୁ କୁଷୁଲିଆ ପ୍ରମୁଖ ସଦସ୍ୟ ମୁନିଗୁଡ଼ା ରେଳ ଷ୍ଟେସନରେ ପହଂଚି ଡି ଆର ଏମ ଶ୍ରୀଯୁକ୍ତ ପାଣ୍ଡେ,ସିନିୟର୍ ଡିଭିଜିନାଲ ଯୋଗାଯୋଗ ପ୍ରବନ୍ଧକ ତତ୍ୱଦର୍ଷି ସାହୁ, ଡି ଆର ଏମଙ୍କ ବ୍ୟକ୍ତିଗତ ସଚିବ ପି ଗଣପତି, ସହକାରୀ ଯନ୍ତ୍ରୀ ଡି ରବି,ଏଲ ଓ ଡବ୍ଲ୍ୟୁ ରାମା ରାଓ ପ୍ରମୁଖଙ୍କ ନିକଟରେ ମୁନିଗୁଡାର ବହୁ ଦିନର ଦାବି ଭୂତଳ ରାସ୍ତା ନିର୍ମାଣ ଉପରେ ବିଶଦ ଭାବେ ଆଲୋଚନା କରିଥିଲେ ।ସେମାନଙ୍କ ତରଫରୁ ସିନୀୟର ଡି ଏମ ଶ୍ରୀଯୁକ୍ତ ସାହୁ ଓ ସହକାରୀ ଯନ୍ତ୍ରୀ ଡି ରବୀ ପ୍ରଗତି ମଂଚ କାର୍ଯ୍ୟକର୍ତା ମାନଙ୍କୁ ନିର୍ଭର ଆଶ୍ୱାସନା ଦେଇଥିଲେ ଖୁବ୍ ଶୀଘ୍ର ମୁନିଗୁଡାର ଭୂତଳ ରାସ୍ତା ଯଥା ସ୍ଥାନରେ ନିର୍ମାଣ ହେବାର ଅଛି ।ଏଥିପାଇଁ ଅଫିସିଆଲ୍ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ।ଏଣୁ ଆପଣମାନେ ଏ ବିଷୟକୁ ନେଇ ସନ୍ଦେହରେ ରୁହନ୍ତୁ ନାହିଁ ।ପ୍ରଗତି ମଂଚ ତରଫରୁ ସମ୍ବଲପୁର ରେଳ ଡିଭିଜନ ଉଚ୍ଚ କର୍ତ୍ତୃପକ୍ଷ ଓ ସମସ୍ତ ଅଧିକାରୀ ମାନଙ୍କୁ ଆନ୍ତରିକ ଧନ୍ୟବାଦ୍ ଜ୍ଞାପନ କରିବା ସହିତ ଏହି ନିର୍ମାଣ କାର୍ଯ୍ୟ ଶୀଘ୍ର କରିବାକୁ ବିନମ୍ର ଅନୁରୋଧ କରିଥିଲେ ।

# ମା’ ରମାଦେବୀଙ୍କ ୧୨୫ ତମ ଜନ୍ମ ଜୟନ୍ତୀ ପାଳିତ

ଯାଜପୁର: ଯାଜପୁର ଜିଲା ବଡଚଣା ଶିକ୍ଷା ମଣ୍ଡଳ ଅଧୀନ ବଡଚଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ମାସ ୮ ତାରିଖ ବୁଧବାର ଦିନ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ଓ ଭୂଦାନ ଆନ୍ଦୋଳନର କର୍ଣ୍ଣଧାର ମା ରମାଦେବୀଙ୍କ ୧୨୫ ତମ ଜନ୍ମ ଜୟନ୍ତୀ ଯାଜପୁର ସର୍ବୋଦୟ ମଣ୍ଡଳ ତଥା ଗାନ୍ଧିବାଦୀ ସର୍ବୋଦୟ ସମୂହ ତରଫରୁ ପାଳିତ ହୋଇଯାଇଛି ।ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସ୍ମୃତିରଞ୍ଜନ ଆଚାର୍ଯ୍ୟ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବଡଚଣାର ଗାନ୍ଧିବାଦୀ ବ୍ୟକ୍ତିତ୍ୱ, ବିଶିଷ୍ଟ ଶିକ୍ଷାବିତ,ସମାଜ ସଂସ୍କାରକ ତଥା ଯାଜପୁର ସର୍ବୋଦୟ ମଣ୍ଡଳର ସଭାପତି ଶ୍ରୀଯୁକ୍ତ ରାମଚନ୍ଦ୍ର ଶୁକ୍ଳ ଯୋଗଦେଇ ପଢ଼ିଲେ ଜାଣିବ, ଜାଣିଲେ ଜିଣିବ, ବଡ ମଣିଷ ହେବାର ସ୍ୱପ୍ନ ନ ଦେଖି ଭଲ ମଣିଷ ହେବାର ସ୍ୱପ୍ନ ଦେଖିବାକୁ ଛାତ୍ର ଛାତ୍ରୀ ମାନଙ୍କୁ ବକ୍ତବ୍ୟ ଛଳରେ ଉପଦେଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବରେ ଯାଜପୁର ଜିଲ୍ଲା ସର୍ବୋଦୟ ମଣ୍ଡଳର ବରିଷ୍ଠ ସଭ୍ୟ ଶ୍ରୀଯୁକ୍ତ ବୀରକିଶୋର ପ୍ରଧାନ ଓ ସର୍ବୋଦୟ କର୍ମୀ ତଥା ସାମାଜିକ କର୍ମୀ ଶ୍ରୀଯୁକ୍ତ ତପନ କୁମାର ବେହେରା ଯୋଗଦେଇ ମା ରମାଦେବୀଙ୍କ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣାଦାୟୀ ଉଦବୋଧନ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ସହ ରମାଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପରାମର୍ଶ ଦେଇଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିତା ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ବିଦ୍ୟାଳୟର ୧୫ ଜଣ ଛାତ୍ର ଛାତ୍ରୀ ରମାଦେବୀଙ୍କ ସମ୍ପର୍କରେ ଉଚ୍ଚ କୋଟିର ବକ୍ତବ୍ୟ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଶୈଳେଶ କୁମାର ମିଶ୍ର, ବିକାଶ ଚନ୍ଦ୍ର ମହାପାତ୍ର, ବିଭୁଦତ୍ତ ନାୟକ, ସରୋଜ କୁମାର ରାଉତ, ମାମୀନା ଅନୁରଞ୍ଜନୀ,ପ୍ରଭାସିନୀ ନାୟକ, ସୁଜେତା ଆଚାର୍ଯ୍ୟ, ଅରୁଣା ଦାଶ, ମମତା ଖୁଣ୍ଟିଆ,ପ୍ରଜ୍ଞା ପରମିତା ସେଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ନମିତା ସାହୁ ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଥିଲେ ।









Printed, Published, Edited and Owned By Atanu Kumar Nayak, Printed at Sunachanda Printing Press, At/PO Badasahi, Dist-Mayurbhanja, Odisha- 757026 and Published from Bhanja House, At-Chipatastia, Ward No-2, PO-Bhanjpur, Dist-Mayurbhanja, Pin-757001, Website : www.bhanjadoota.com.in, Email: nayakatanu5@gmail.com, Mob: 6370452073
Editor - Atanu Kumar Nayak, Chief Editor - Haramani Dalei, ସଂପାଦକ-ଅତନୁ କୁମାର ନାୟକ